# ସ୍କୁଲ ରାସ୍ତା ନିର୍ମାଣ ନାଁରେ ୮ ଲକ୍ଷ ଚଳୁ

■ ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତରେ ଦୁର୍ନୀତି

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ରାଜ୍ୟ ଅର୍ଥ କମିଶନ, ସାଂସଦଙ୍କ ପାଣ୍ଠିରୁ ଅର୍ଥ ଲୁଟ୍

ରାଜନଗର, ୮।୯
(ଭାସ୍କର ରାଉତରାୟ)



ଦୁଇବର୍ଷ ଭିତରେ ରାସ୍ତାକୁ ଫେବର ବ୍ଲକ ଓ ଢଳେଇ କରିବା ଦୂରର କଥା, ରାସ୍ତାରେ ମାଟି ମୁଠେ ପଡ଼ିନି। ଯେଉଁଥିପାଇଁ ଛାତ୍ରୀଛାତ୍ରୀମାନେ ୮ଶହ ମିଟର ବୁଲି କରି ବିଦ୍ୟାଳୟକୁ ପଢିବାକୁ ଆସୁଛନ୍ତି। ରାସ୍ତା ଅବସ୍ଥା ଏପରି ଦୟନୀୟ ଯେ, ୨୫୦ ମିଟର ସ୍କୁଲ ରାସ୍ତାରେ ଚାଲି କରି ଏ ମୁଣ୍ଡରୁ ସେ ମୁଣ୍ଡ ଯିବା କଷ୍ଟସାଧ। ରାସ୍ତାକୁ ଦେଖିଲେ ଦୀର୍ଘବର୍ଷ ଧରି କୌଣସି କାମ ହୋଇ ନ ଥିବା ଜଳ ଜଳ ଦେଖାଯାଉଛି। ସ୍ଥାନୀୟ ଲୋକେ ମଧ ସମାନ ଅଭିଯୋଗ କରୁଛନ୍ତି। ମାତ୍ର ସରକାରୀ ରେକର୍ଡରେ ୭ ମାସ ଭିତରେ ତିନି ତିନିଟି ଯୋଜନାରେ ଏହି ରାସ୍ତାକୁ ଚକାଚକ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ରାଜ୍ୟ ଅର୍ଥ କମିଶନ ଓ ସାଂସଦଙ୍କ ପାଣ୍ଠିରୁ କାମ କରାଯାଇଥିବା ଦର୍ଶାଇ ୮ ଲକ୍ଷ ଟଙ୍କା ମିଳିମିଶି ଖାଇ ଦେଇଥିବା ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚ ଅଭିଯୋଗ କରିଛନ୍ତି।

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବଡ଼ପଲ୍ଲୀ ପ୍ରାଥମିକ ବିଦ୍ୟାଳୟରୁ ସବ୍‌ଷ୍ଟେଶନ ସ୍କୋୟାର ରୋଡ଼। ଏହି ରାସ୍ତାରେ ଗ୍ରାମବାସୀଙ୍କ ସହ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଆସିଥାନ୍ତି। ବିଦ୍ୟାଳୟରୁ ଯାଇଥିବା ରାସ୍ତା ସବ୍‌ଷ୍ଟେଶନ ନିକଟରେ ତନ୍ତିଆପାଳ-ବଡ଼ପଲ୍ଲୀ ରାସ୍ତାକୁ ସଂଯୋଗ କରିଛି। ଏହି ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ଛାତ୍ରୀଛାତ୍ରୀମାନେ ୮ଶହ ମିଟର ବୁଲି ବିଦ୍ୟାଳୟକୁ ଆସୁଛନ୍ତି। ଏହି ରାସ୍ତାର ୭୦ ମିଟର ଢଳେଇ ହୋଇଥିବା ବେଳେ ୧୮୦ ମିଟର ଫେବର ବ୍ଲକ କରାଯାଇ ୨୦୧୮ ରୁ ୨୦୨୧ରେ ନିର୍ମାଣ ହୋଇଥିଲା। ଏହି ରାସ୍ତା ନିର୍ମାଣ ପରେ ୭ ଜାନୁୟାରୀ ୨୦୨୨ରେ ରାଜନଗର ବିଧାୟକ ଏହି ରାସ୍ତାକୁ ଲୋକାର୍ପଣ କରିଥିଲେ। ବିଧାୟକଙ୍କ ସହିତ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଓ ସେତେବେଳର ସରପଞ୍ଚ ରଶ୍ମିତା ପ୍ରତିହାରୀ ଉଦ୍‌ଘାଟନ କରିଥିଲେ। ସେହି ରାସ୍ତାରେ ଘର କରି ରହିଥିବା ଅଜାମ୍ବର ଜେନାଙ୍କ କହିବା କଥା ହେଲା, ରାସ୍ତାକାମ ନିମ୍ନମାନର ଯୋଗୁ ବିଧାୟକ ଉଦ୍‌ଘାଟନ କରିଯିବାର କିଛିଦିନ ପରେ ରାସ୍ତାର କିଛି ଅଂଶ ଭୁଶୁଡି ପଡ଼ିଛି। ରାସ୍ତା ଅବସ୍ଥା ଏପରି ଶୋଚନୀୟ ଯେ, ସାଇକେଲରେ ଗଲେ ବାଟରେ ଓହ୍ଲାଇକି ଯିବାକୁ ପଡୁଛି। ଦୁଇବର୍ଷ ଭିତରେ ରାସ୍ତାରେ ମୁଠେ ବାଲି କି ମାଟି ପଡିନାହିଁ। ଶୋଚନୀୟ ଯୋଗୁ ଲୋକେ ଯାଇ ପାରୁ ନ ଥିବା ବେଳେ ସରକାରୀ ରେକର୍ଡରେ କିନ୍ତୁ ରାସ୍ତା ଚକାଚକ ରହିଛି। ରାସ୍ତା ଚକାଚକ କରାଯାଇଥିବା ଦର୍ଶାଇ ଗତ ୭ ମାସରେ ତିନି ତିନିଟି ଯୋଜନାରେ ୭,୭୮,୭୮୮ ଟଙ୍କା ଉଠାଇ ନିଆଯାଇଛି। ୫ ବର୍ଷରେ ଏହି ୨୫୦ ମିଟର ରାସ୍ତାକୁ ୮ଥର ନିର୍ମାଣ ଓ ମରାମତି କରାଯାଇଥିବା ଦର୍ଶାଇ ୧୫,୪୪,୦୯୮ ଟଙ୍କା ଉଠାଇ ନିଆଯାଇଛି। ସରକାରୀ ତଥ୍ୟ ଅନୁଯାୟୀ ବଡ଼ପଲ୍ଲୀ ପ୍ରାଥମିକ ବିଦ୍ୟାଳୟରୁ ସବ୍‌ଷ୍ଟେଶନ ରାସ୍ତାକୁ ସିମେଣ୍ଟ କଂକ୍ରିଟ ରୋଡ ଯୋଜନାରେ ନିର୍ମାଣ କରାଯାଇଥିବା ଦର୍ଶାଇ ୨୦ ଜୁଲାଇ ୨୦୧୮ରେ ୧,୮୩,୪୯୬ ଟଙ୍କା, ବିପର୍ଯ୍ୟୟ ରିଲିଫ୍ ପାଣ୍ଠିରୁ ଏହି ରାସ୍ତାର ମରାମତି ଓ ପୁନଃ ନିର୍ମାଣ ନାଁରେ ୨୪ ଫେବୃୟାରୀ ୨୦୨୧ରେ ୧,୮୩, ୮୮୭ ଟଙ୍କା, ୧୨ ଅକ୍ଟୋବର ୨୦୨୧ରେ ବିପର୍ଯ୍ୟୟ ରିଲିଫ ପାଣ୍ଠିରେ ଏହି ରାସ୍ତାର ମରାମତି ନାଁରେ ୫୫,୯୭୫ ଟଙ୍କା, ୨୦ ନଭେମ୍ବର ୨୦୨୧ରେ ଷ୍ଟେଟ୍ ଫାଇନାନ୍ସ କମିଶନ ଅର୍ଥରେ ଏହି ରାସ୍ତା ନିର୍ମାଣ ନାଁରେ ୨,୮୦,୧୪୪ ଟଙ୍କା, ୨୭ ଡିସେମ୍ବର ୨୦୨୧ରେ ବିପର୍ଯ୍ୟୟ ରିଲିଫ ପାଣ୍ଠିରୁ ଏହି ରାସ୍ତା ମରାମତି ନାଁରେ ୬୧,୮୦୮ ଟଙ୍କା, ଷ୍ଟେଟ ଫାଇନାନ୍ସ କମିଶନ ଅର୍ଥରେ ରାସ୍ତା ପୁନଃନିର୍ମାଣ ନାଁରେ ୨୨ ଡିସେମ୍ବର ୨୦୨୨ରେ ୧,୯୧,୫୦୬ ଟଙ୍କା, ୩ ମାର୍ଚ୍ଚ ୨୦୨୩ରେ ସାଂସଦ ପାଣ୍ଠିରୁ ରାସ୍ତା ପୁନଃ ନିର୍ମାଣ ନାଁରେ ୪,୮୦,୬୩୨ ଟଙ୍କା ଓ ଏମ୍‌ଜିଏନ୍‌ଆର୍‌ଇଜିଏସରେ ଏହି ରାସ୍ତାର ଦୁଇ ପାର୍ଶ୍ୱରେ ମାଟି ଫିଲିଙ୍ଗ ନାଁରେ ୬ ଜୁନ ୨୦୨୩ରୁ ୨୦ ଜୁନ ୨୦୨୩ ମଧ୍ୟରେ ଶ୍ରମିକ ମଜୁରି ବାବଦକୁ ୧,୬,୬୫୦ ଟଙ୍କା ଉଠାଇ ନିଆଯାଇଛି। ୨୦୧୮ ମସିହାରେ ଏହି ରାସ୍ତାକୁ କଂକ୍ରିଟକରଣ କରାଯାଇଥିବା ବେଳେ ୨୦୨୧ରେ ରାସ୍ତା ପୁନଃ ନିର୍ମାଣ ପାଇଁ ଦୁଇଟି ଯୋଜନାରେ ୪ ଥର ବିଲ୍ କରାଯାଇଛି। ସବୁଠୁ ବଡ଼କଥା ହେଲା ୩ଟି ଯାକ ଯୋଜନାର ବିଲ୍ ବ୍ଲକ କାର୍ଯ୍ୟାଳୟରେ ବସି କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପଞ୍ଚାୟତରେ ଫାଇଲ ନ ଖୋଲି ବ୍ଲକ କାର୍ଯ୍ୟାଳୟରେ ଫାଇଲ ଖୋଲି ହଡପ କରାଯିବା ପଛରେ କାହାର ହାତ ଅଛି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ଭେଟିକି କହିବି ବୋଲି ସେ କହିଛନ୍ତି।

# ଟିଏସ୍‌ଏଫ୍‌ର ରିସ୍ତା ପକ୍ଷରୁ ସାଥିଆ ସମାରୋହ

## ବାଲ୍ୟବିବାହ ହ୍ରାସ ଲକ୍ଷ୍ୟ ପୂରଣ ହେଉଛି

କଳିଙ୍ଗନଗର,୮।୯(ଶୁଭାଶିଷ ରାଉତ)



ସମାରୋହରେ ଯୋଗଦେଇଥିବା ଅତିଥି ଓ କିଶୋରୀକିଶୋର।

ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍(ଟିଏସ୍‌ଏଫ୍)ର ରିସ୍ତା ପ୍ରୋଜେକ୍ଟ ପକ୍ଷରୁ ଏକ ଦିନିକିଆ ସାଥିଆ ସମାରୋହ ଶୁକ୍ରବାର ଯାଜପୁର ଜିଲା ଦାନଗଦୀ ବ୍ଲକ ମିଲିଟାରି ଛକ ନିକଟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷା ରେକ୍ସୋନା ଜେନା ମୁଖ୍ୟଅତିଥି, ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ନିରଞ୍ଜନ କର, ଦାନଗଦୀର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ(ଏବିଇଓ) କାନ୍ତ ଦେହୁରୀ ଓ କଳିଙ୍ଗନଗର ଟିଏସ୍‌ଏଫ୍ ୟୁନିଟ୍ ମୁଖ୍ୟ ଆଲେନ୍ କିମ୍ ଜୋସେଫ୍ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଦାନଗଦୀ ଓ ସୁକିନ୍ଦା ବ୍ଲକର ୧୫ଟି ପଞ୍ଚାୟତର ୬୫ କିଶୋରୀ ଓ କିଶୋର ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଆୟୋଜିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପନ୍ନ କରିଥିବା ୬୫ ଜଣ ସାଥିଆ/ପିୟର ଏଜୁକେଟର୍ସଙ୍କୁ ସମ୍ବର୍ଦ୍ଧିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଉଭୟ ବ୍ଲକର ୨୦୯ ଗାଁରେ କାର୍ଯ୍ୟରତ ୨୩୦ ସାଥିଆ/ପିୟର ଏଜୁକେଟର୍ସଙ୍କ ମଧ୍ୟରୁ ୬୫ ଜଣଙ୍କୁ ଚୟନ କରାଯାଇଥିଲା। ଉନ୍ନତ ପ୍ରଶିକ୍ଷଣ ପରେ ମନୋନୀତ ସାଥିଆମାନେ ଅନ୍ୟ ସାଥିଆମାନଙ୍କୁ ଜ୍ଞାନ ହସ୍ତାନ୍ତର କରୁଛନ୍ତି। ଏହି ଅବସରରେ ପ୍ରତିଯୋଗୀମାନଙ୍କୁ ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ସାମଗ୍ରୀ ସମ୍ବଳିତ ସାଥିଆ କିଟ୍ ବଣ୍ଟନ କରାଯାଇଥିଲା। ଏହାସହ ପ୍ରଜନନ ସ୍ୱାସ୍ଥ୍ୟ ଓ ବାଲ୍ୟ ବିବାହ ଉପରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରୁଥିବା ନୁକ୍କଡ ନାଟକ ସମେତ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଜ୍ଞାନ ଏବଂ ସମ୍ବଳ ସହିତ କିଶୋରୀକିଶୋରମାନଙ୍କୁ ସଶକ୍ତ କରିବା ଦିଗରେ ସାଥିଆ ସମାରୋହ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ। ପ୍ରୋଜେକ୍ଟ ରିସ୍ତା ହେଉଛି ଏକ ଗୋଷ୍ଠୀଭିତ୍ତିକ ଏବଂ ଯୁବ ନେତୃତ୍ୱାଧୀନ କାର୍ଯ୍ୟକ୍ରମ, ଯାହା ଗ୍ରାମୀଣ ଅଞ୍ଚଳରେ କମ୍ ବୟସର ବିବାହକୁ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। ବାଲ୍ୟ ବିବାହ ନିବାରଣ, କିଶୋର ପ୍ରଜନନ ଯୌନ ସ୍ୱାସ୍ଥ୍ୟ (ଏଆର୍‌ଏସ୍‌ଏଚ୍) ଶିକ୍ଷା ଏବଂ ଯୁବ ବିକାଶ ସୁଯୋଗ ଉପରେ ଯୁବବର୍ଗଙ୍କୁ ପରାମର୍ଶ ଦେବା ପାଇଁ ଏହି କାର୍ଯ୍ୟକ୍ରମରେ ସାଥିଆମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

# ଗରଦପୁର ବ୍ଲକ ବିଜେଡି ସଭାପତି ଦଳରୁ ନିଲମ୍ବିତ ପରେ ଗିରଫ

କେନ୍ଦ୍ରାପଡ଼ା, ୮।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ବିଜେଡି ସଭାପତି ଶଶାଙ୍କ ଶେଖର ପରିଡା ଶୁକ୍ରବାର ଦଳରୁ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ ହେବା ପରେ କେନ୍ଦ୍ରାପଡ଼ା ଟାଉନ୍ ଥାନା ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ଉତ୍କଳ ପରିଡ଼ା ଏକ ଚିଠି କରି ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଏଥିସହ ବିଜୁ ମହିଳା ଜନତା ଦଳର ବ୍ଲକ ସମ୍ପାଦିକା ରାଜଲକ୍ଷ୍ମୀ ରାଉତରାୟଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି। ସୂଚନାଯୋଗ୍ୟ, ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଜଣେ ମହିଳାଙ୍କୁ ଶଶାଙ୍କ ଅଶ୍ଳୀଳ ଫୋନ କଲ କରିଥିବା ପୂର୍ବରୁ ଏକ ଅଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏଥିସହ ସଂପୃକ୍ତ ପୀଡିତା ମହିଳା ତାଙ୍କ ବିରୋଧରେ କେନ୍ଦ୍ରାପଡ଼ା ଟାଉନ ଥାନାରେ ଏକ ଅଭିଯୋଗ ପତ୍ର ଗୁରୁବାର ଦେଇଥିଲେ। ତେବେ ଏହି ଅଡିଓ ତାଙ୍କର ନୁହେଁ ବୋଲି ଶଶାଙ୍କ ମତ ରଖିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଲୋକ



@ ନୃସିଂହ



@ ପ୍ରଭଞ୍ଜନ



@ ପଦ୍ମିନୀ



@ ରାକେଶ



@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସ୍ତାରେ ଧାନତଳି ରୋଇ ଗ୍ରାମବାସୀଙ୍କ ପ୍ରତିବାଦ

ରାଜକନିକା,୮।୯(ସଞ୍ଜୟ କୁମାର ଦାଶ)

ସ୍ୱାଧୀନତାର ୭୬ ବର୍ଷ ପରେ ବି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅନ୍ତର୍ଗତ ଜୟନଗର ପଞ୍ଚାୟତର କୁଜିପୁର ଗାଁକୁ ପକ୍କା ସଡ଼କଟିଏ ନାହିଁ। ରାସ୍ତା ନିର୍ମାଣ ପାଇଁ ପ୍ରଶାସନଠାରୁ ଆରମ୍ଭ କରି ରାଜନେତାଙ୍କ ପାଖରେ ଅଭିଯୋଗ କରାଯାଇଥିଲେ ମଧ କେହି ଶୁଣୁ ନ ଥିଲେ। ଏହାର ପ୍ରତିବାଦରେ ଶୁକ୍ରବାର ଗ୍ରାମବାସୀ କାଦୁଅ ହୋଇଥିବା ରାସ୍ତାରେ ଧାନତଳି ରୋଇ ପ୍ରତିବାଦ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଭୋଟ ଆସିଲେ ରାଜନେତାମାନେ ଘର ଘର ବୁଲି ହାତ ଯୋଡି ଭୋଟ ଭିକ୍ଷା ଆଳରେ ରାସ୍ତା କରିଦେବାକୁ ପ୍ରତିଶ୍ରୁତି ଦେଇଥାନ୍ତି। ଭୋଟ ପରେ ସବୁ କିଛି ଭୁଲି ଯାଇଥାନ୍ତି। କୁଜିପୁର ଗାଁରେ ବର୍ଷ ବର୍ଷ ଧରି ଏହି ଗାଁ ରାସ୍ତା କାଦୁଅ ହୋଇ ରହିଛି। ଏହି ରାସ୍ତାରେ ଆମ୍ବୁଲାନ୍ସ କି ଦମକଳ ଗାଡ଼ି ଗାଁକୁ ଆସିପାରୁନାହିଁ। ୧୫୦ ପରିବାର ବସବାସ କରୁଥିବା ଏହି ଗାଁର ପିଲାମାନେ ବର୍ଷାଦିନେ ଆଣ୍ଠୁଏ କାଦୁଅରେ ସ୍କୁଲ ଏବଂ ଅଙ୍ଗନୱାଡିକୁ ଯାଅ ଆସ କରିଥାନ୍ତି। ଏପରି ଅବସ୍ଥାରେ ଶୁକ୍ରବାର ଗ୍ରାମର ମହିଳାପୁରୁଷ ଏକତ୍ରିତ ହୋଇ କାଦୁଅ ହୋଇଥିବା ରାସ୍ତାରେ ଧାନ ତଳି ରୋଇ ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି। ଏହି ପ୍ରତିବାଦରେ ଅନନ୍ତ କୁମାର ନାୟକ, ହୃଷୀକେଶ ବେହେରା, ସନ୍ତଚରଣ ସାହୁ, ଭାଗ୍ୟରଥି ସାହୁ, ଅଧର ପରିଡା, ଆରତୀ ପରିଡା, ପ୍ରତିମା ପରିଡା, ଶୁଭଦ୍ରା ପରିଡା, ବିଷ୍ଣୁ ଚରଣ ନାୟକ, ସୁଲୋଚନା ଦାସ, ମୀନତି ସାହୁ, ନିରୁପମା ନାୟକ, ତିଲୋତ୍ତମା ଦାସ, ସୁନନ୍ଦା ନାୟକ ଓ ଧନୁର୍ଜୟ ଦାସ ପ୍ରମୁଖ ସାମିଲ ହୋଇଥିଲେ।



କାଦୁଅ ରାସ୍ତାରେ ଧାନତଳି ରୋଇ ଗ୍ରାମବାସୀଙ୍କ ଅଭିନବ ପ୍ରତିବାଦ।

# ଫରାସୀ ପଣ୍ୟବାହୀ ଜାହାଜ ମୂକସାକ୍ଷୀ ମଙ୍ଗ ଦୃଶ୍ୟମାନ

■ ବଙ୍ଗୋପସାଗର ମହାକାଳପଡ଼ାର ମାଦଳି ମୁହାଣ

■ ଦିଗହରା, ବାଲିଢ଼ିପ ଯୋଗୁ ଜାହାଜ ଦୁର୍ଘଟଣା ହୋଇଥିଲା

■ ସାମୁଦ୍ରିକ ଜୁଆର ସ୍ରୋତରେ ମତ୍ସ୍ୟଜୀବୀଙ୍କ ଡଙ୍ଗା ଦୁର୍ଘଟଣା ହେଉଛି

ମହାକାଳପଡ଼ା, ୮।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ବଙ୍ଗୋପସାଗର କୂଳ ମାଦଳି ମୁହାଣ ଅନତି ଦୂରରେ ୧୮୩୨ରେ ଫ୍ରାନ୍ସ ନିର୍ମିତ ବୃହତ୍ ପଣ୍ୟ ବୋଝେଇ ଫରାସୀ ଜାହାଜ ଭେଲଦା ସମୁଦ୍ରପଥ ଦେଇ କୋଲକାତାର ହଳଦିଆ ବନ୍ଦର ଅଭିମୁଖେ ଯାଉଥିଲା। ତେବେ ଏହି ଜାହାଜଟି ସମୁଦ୍ରର ପ୍ରତିକୂଳ ପାଗ ଯୋଗୁ ଦିଗହରା ଓ ବିଶାଳ ବାଲୁକା ଢିପରେ ଭାରସାମ୍ୟ ହରାଇ ଫସି ଯାଇଥିଲା। ପରେ ନାବିକମାନେ ଯେତେ ଚେଷ୍ଟା କଲେ ମଧ ଜାହାଜଟି ପାଣିରେ ବୁଡ଼ିବା ଆରମ୍ଭ କରିଥିଲା। ହେଲେ ଏବେ ବି ଉକ୍ତ ଦୁର୍ଘଟଣାଗ୍ରସ୍ତ ଭେଲଦା ନାମକ ଫରାସୀ ଜାହାଜର ମୂକସାକ୍ଷୀ ଭାବେ ଲୌହମଙ୍ଗ ସମୁଦ୍ରରେ ପାଣି ଖସିବା ବେଳେ ଦେଖିବାକୁ ମିଳୁଛି। ସମୁଦ୍ରରେ ଅଧିକ ଜୁଆର ସମୟରେ ଏହି ଲୌହମଙ୍ଗ ଦେଖାଯାଏ ନାହିଁ। ଅନେକ ସମୟରେ ସ୍ଥାନୀୟ ପାରମ୍ପରିକ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ମାଛ ଧରିବା ପାଇଁ ପ୍ରବେଶ ଓ ପ୍ରସ୍ଥାନ ସମୟରେ ବୋଟ୍‌ଗୁଡ଼ିକ ଦୁର୍ଘଟଣା ହେଉଥିବା ନଜିର ରହିଛି ବୋଲି ଜମ୍ବୁ ଅଞ୍ଚଳର ମତ୍ସ୍ୟଜୀବୀ ଶକ୍ତିପଦ ମିର୍ଦ୍ଧା, ଶଙ୍କର ମଣ୍ଡଳ, ଗୁରୁପଦ ମଣ୍ଡଳ, ଗୌରହରି ଦାସ, ଫନ୍ଦୀ ମଣ୍ଡଳ ପ୍ରମୁଖ କହିଛନ୍ତି। ଏହି ମାଦଳି ମୁହାଣ ଅଞ୍ଚଳଟି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ହୋଇଥିବାରୁ ସମୁଦ୍ର ପଥକୁ ଯିବା ପାଇଁ ମୁଖ୍ୟ ପ୍ରବେଶ ଦ୍ୱାର ବୋଲି କୁହାଯାଇଛି। ତେବେ ୨୦୦୯ରେ ଜାତୀୟ ସାମୁଦ୍ରିକ ବୁଡାଳି ତଥା ସ୍କୁବା ଡାଇଭ୍ ସବୀର ବକ୍ସ ବନ ବିଭାଗର ବିନା ଅନୁମତିରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ମାଦଳି ମୁହାଣ ପାଖରେ ବୁଡ଼ି ଯାଇଥିବା ଜାହାଜର ଅନୁସନ୍ଧାନ ପାଇଁ ବୁଡ଼ିଥିଲେ। ବେଆଇନ ଭାବେ ଉକ୍ତ ଅଞ୍ଚଳକୁ ପ୍ରବେଶକୁ ନେଇ ତତ୍‌କାଳୀନ ମହାକାଳପଡ଼ା ରେଞ୍ଜ ଅଧିକାରୀ ମିହିର କୁମାର ପଟ୍ଟନାୟକ ସାମୁଦ୍ରିକ ବୁଡାଳି ସବୀର ବକ୍ସଙ୍କ ନାମରେ ମାମଲା ରୁଜୁ କରିଥିଲେ।

ଫରାସୀ ଜାହାଜ ଏହି ସ୍ଥାନରେ କାହିଁକି ଦୁର୍ଘଟଣା ହେଲା ବ୍ରିଟିଶ ଶାସକମାନେ ଅନୁସନ୍ଧାନ କରିଥିଲେ। କିଛି ଦୂରରେ ଏକ ବିଶାଳ ବାଲୁକା ଆଇଲାଣ୍ଡ ଠାବ କରିଥିଲେ। ପରେ ଏହି ଆଇଲାଣ୍ଡ ଫଲ୍ସ ପଏଣ୍ଟରେ ବିଶାଳ ବାଲୁକା ପାହାଡ଼କୁ ଦେଖି ବତିଘର ବା ଲାଇଟ୍ ହାଉସ ନିର୍ମାଣ କରିଥିଲେ। ଏହି ବତିଘର ନିର୍ମାଣ ପରେ ବିଦେଶୀ ମାଲବାହୀ ଜାହାଜ ଓ ଦେଶୀୟ ଜାହାଜଗୁଡ଼ିକ ଲାଇଟ୍ ହାଉସ ବତି ଦେଖି ଦିଗ ନିର୍ଣ୍ଣୟ କରି ଯାତାୟାତ କରିଥିଲେ। ଲାଇଟ୍ ହାଉସ ନିର୍ମାଣ ପରେ ସମୁଦ୍ରରେ ଜାହାଜ ଦୁର୍ଘଟଣା କମିଯାଇଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଅପରପକ୍ଷରେ ଏହି ଜାହାଜ ଦୁର୍ଘଟଣା ପରେ ଦେଶ ସ୍ୱାଧୀନତା ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ଦୁର୍ଘଟଣା ହୋଇଥିବା ସ୍ଥାନ ନିରୂପଣ ଉପରେ ଗୁରୁତ୍ୱ ଦେଲେ ନାହିଁ। ପରେ ଅସାଧୁ ବ୍ୟକ୍ତି ଓ ଜଳ ଦସ୍ୟୁମାନେ ଜାହଜର ମୂଲ୍ୟବାନ ଯନ୍ତ୍ରାଂଶ ଚୋରାଇ ନେଇଥିଲେ। ଏ ସଂକ୍ରାନ୍ତରେ ପରିବେଶବିତ୍ ସମରେନ୍ଦ୍ର ମାହଳିଙ୍କୁ ପଚାରିବାରେ, ଏହି ବିଦେଶୀ ପଣ୍ୟ ବୋଝେଇ ଜାହାଜ ଦୁର୍ଘଟଣା ଘଟଣା ବଙ୍ଗୋପସାଗର କୂଳ ମାଦଳି ମୁହାଣ ମୂକସାକ୍ଷୀ ପାଲଟିଛି। ୧୯୧୨ରେ ଆଣ୍ଟଲାଟିକ ମହାସାଗରରେ ଟାଇଟାନିକ ଜାହାଜ ଯେପରି ବୁଡ଼ିବାର କାରଣ କ'ଣ ଜାଣିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଉଦ୍ୟମ ହେଉଛି ସେହିପରି ଫରାସୀ ନିର୍ମିତ ଭେଲଦା ବୁଡ଼ିବାର କାରଣ ଖୋଜାଗଲେ ଅନେକ ଐତିହାସିକ ତଥ୍ୟ ପ୍ରକାଶ ପାଇପାରନ୍ତା ବୋଲି ସେ କହିଛନ୍ତି।



ମହାକାଳପଡ଼ା ବ୍ଲକ ମାଦଳି ମୁହାଣରେ ମୁକ ସାକ୍ଷୀ ପାଲଟିଛି ଫରାସୀ ନିର୍ମିତ ଭେଲଦା ପଣ୍ୟ ବୋଝେଇ ଜାହାଜର ଲୌହ ମଙ୍ଗ।

ଜିଆଇ ଟ୍ୟାଗ୍ ମାନ୍ୟତା ଦୌଡ଼

# କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣ

ନୟାଗଡ଼,୮।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣ ଜିଓ ଗ୍ରାଫିକାଲ୍ ଇଣ୍ଡିକେଶନ (ଜିଆଇ) ଟ୍ୟାଗ୍ ଦୌଡ଼ରେ ରହିଛି। କେହି ଦାବିଦାର ନ ରହିଲେ ୩ ମାସ ଅର୍ଥାତ ଡିସେମ୍ବରରେ କେନ୍ଦ୍ର ସରକାର କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ୍ ମାନ୍ୟତା ପ୍ରଦାନ କରିବେ। ତେବେ ନୟାଗଡ଼ ଜିଲା ଦୌଡକୁ ଆସିବା ପରେ କଟକ ଜିଲାର ବାଙ୍କୀ ଜିଆଇ ଟ୍ୟାଗ ଉପରେ ଶ୍ରେୟ ଓ ଭାଗ ଦାବି କରିଛି। ବାଙ୍କୀର ଚାଷୀଙ୍କ ଅଭିଯୋଗ ଅନୁସାରେ, କଣ୍ଟେଇମୁଣ୍ଡି ବାଇଗଣ ଜିଆଇ ଟ୍ୟାଗ ହେବା ଓ ପାରମ୍ପାରିକ ବିହନର କେନ୍ଦ୍ରୀୟ ମାନ୍ୟତା ପାଇବାକୁ ଯିବା ଗୌରବର ବିଷୟ। କିନ୍ତୁ ଉକ୍ତ ଫସଲର ଇତିହାସ ଓ ବ୍ୟବହାରୀକାରୀଙ୍କ ପରିସିମାକୁ ଅନୁସରଣ କରିବା ଆଜି ପ୍ରସଙ୍ଗ ଯୁକ୍ତ ହୋଇପଡିଛି। କଣ୍ଟେଇମୁଣ୍ଡି ବାଇଗଣର ପରିସୀମା କଟକ ଜିଲାର ବାଙ୍କୀର କାଳିଗିରୀ ନଦୀ ଅବବାହିକାରୁ ପୂର୍ବକୁ ପ୍ରାୟ ୧୫ କିମି ବାଙ୍କୀ ପର୍ଯ୍ୟନ୍ତ ଓ ପଶ୍ଚିମକୁ ନୟାଗଡ଼ ଜିଲାର କଣ୍ଟିଲୋ କମେଇ ନଦୀର ପଠା ଅଞ୍ଚଳରେ ପରିବ୍ୟାପ୍ତ। ବାଙ୍କୀର ମହାନଦୀ କୂଳ ଅଞ୍ଚଳରେ କେନ୍ଦୁପଲ୍ଲୀ, ବୈଦେଶ୍ୱର, ଗୋଳାଗୋଣ୍ଡ, ଅନୁଆରୀ, ଭେଡା ରାମଚନ୍ଦ୍ରପୁର ପଞ୍ଚାୟତର ପ୍ରାୟ ୨୫ ମୌଜାରେ ୧୦୦ ଏକରରୁ ଊର୍ଦ୍ଧ୍ୱ ଜମିରେ ରବି ଋତୁରେ କଣ୍ଟେଇମୁଣ୍ଡି ବାଇଗଣ ଚାଷ ହେଉଛି। ପୁଣି ନୟାଗଡ ଜିଲାର କରବର, ପଥରଚକଡ଼ା, କଣ୍ଟିଲୋ, ବାଣପୁର, ଧାନଚାଙ୍ଗଡା ପଞ୍ଚାୟତର ଚାଷୀମାନେ ଅନୁରୂପ ଭାବେ କମେଇ ନଦୀ ପଠାରେ ଚାଷ କରନ୍ତି। ଉଭୟ ଜିଲାର ବାଣିଜ୍ୟିକ ହାଟ କଳାପଥର। ବାଙ୍କୀ, ନୟାଗଡ଼, ଖୋର୍ଦ୍ଧା ଜିଲାର ଖାଉଟିଙ୍କ ଚାହିଦା ସମ୍ପୃକ୍ତ ବାଇଗଣ ଉପରେ। ଏଣୁ ଫସଲର ପରମ୍ପରାକୁ ଅନୁଧ୍ୟାନ କଲେ ଏହା କେବଳ କଣ୍ଟିଲୋ ନୁହେଁ ବାଙ୍କୀର ମଧ୍ୟ ଅଧିକାର ରହିଛି।


ଚାଷୀମାନେ ଜମିରୁ ବାଇଗଣ ତୋଳୁଛନ୍ତି।


ବିକ୍ରି ପାଇଁ ଥିବା କଣ୍ଟେଇମୁଣ୍ଡି ବାଇଗଣ।

ବାଙ୍କୀର କାଳିଗିରୀ ନାଳ ଅବବାହିକା ସନ୍ନିକଟ କେନ୍ଦୁପଲ୍ଲୀ ପାଟ ଏବଂ ତତ୍‌ସଂଲଗ୍ନ ଅଳସୁଆ ପଠାରୁ ପ୍ରାୟ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ଧରି ଏହି ବାଇଗଣ ଚାଷ ଆରମ୍ଭ ହୋଇ ପରେ ଅନ୍ୟ ଅଞ୍ଚଳକୁ ବ୍ୟାପିଥିଲା ବୋଲି କିମ୍ବଦନ୍ତୀ କହୁଛି। କାର୍ତ୍ତିକରୁ ଫାଲଗୁନ ଇଂରାଜି ମାସ ଅକ୍ଟୋବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବାଇଗଣ ଚାଷ ହୁଏ। ଏହି ବାଇଗଣର ସ୍ୱତନ୍ତ୍ର ଗୁଣଯୁକ୍ତ ତନ୍ତୁ ଓ ଆକୃତି, ଅତ୍ୟନ୍ତ ସ୍ୱାଦିଷ୍ଟ ତଥା ପୃଷ୍ଟିକର ହୋଇଥିବାରୁ ଖାଉଟି ଅଧିକ ଦରରେ କିଣିଥାନ୍ତି। ଏଣୁ କେବଳ କଣ୍ଟେଇମୁଣ୍ଡି ବାଇଗଣକୁ କେବଳ କଣ୍ଟିଲୋ ଅଞ୍ଚଳର ସମ୍ପତ୍ତି ରୂପେ ବିବେଚନା କରିବା ଓ ବାଙ୍କୀକୁ ବାଦ୍ ଦେବା ନିଶ୍ଚିତ ବୈଷମ୍ୟ ସୃଷ୍ଟି କରିଛି। ଏଣୁ ଏହାକୁ ବିଚାରକୁ ନେଇ ନୟାଗଡ଼ର କଣ୍ଟିଲୋ ଓ କଟକର ବାଙ୍କୀର ମିଳିତ ସମ୍ପତି କଣ୍ଟେଇମୁଣ୍ଡି ବାଇଗଣକୁ ବିବେଚନା କରାଯାଉ ବୋଲି ଅନୁରୋଧ ଓ ଦାବି କରାଯାଇଛି। କଣ୍ଟେଇମୁଣ୍ଡି ବାଇଗଣର ଜୈବିକ ସତ୍ତା, ସୁରକ୍ଷା ଓ ସଂରକ୍ଷଣର ଚିନ୍ତା ପଶ୍ଚିମ ବାଙ୍କୀ କୃଷକ ପରିଷଦ ଦୀର୍ଘ ୧୫ ବର୍ଷ ହେଲା ସବୁ ସ୍ତରରେ ଦାବି ଉପସ୍ଥାପନ କରି ଆସୁଛି। ଏଣୁ ଏହାକୁ ପୁଣି ବିଚାର କରିବାକୁ ବାଙ୍କୀର ଚାଷୀମାନେ ଧରିତ୍ରୀ ମାଧ୍ୟମରେ ଅନୁରୋଧ କରିଛନ୍ତି।

କଣ୍ଟେଇମୁଣ୍ଡି ବାଇଗଣ ନୟାଗଡ଼ ଜିଲାର ୟୁନିକ ପ୍ରଡକ୍ଟ। କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ୨୦୨୧ ଫେବୃଆରୀ ୮ରେ ଆବେଦନ ହୋଇଥିଲା। ପରେ ବାଇଗଣ ଉପରେ ଭୁବନେଶ୍ୱରରେ ୩ ଥର ସର୍ଭେ ହୋଇଛି। କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏ ନେଇ ଆବଶ୍ୟକ କାଗଜାତ ଉପସ୍ଥାପନ କରାଯାଇଥିଲା। ଜିଆଇ ଟ୍ୟାଗର ବିଜ୍ଞପ୍ତି ପରେ ବାଣପୁର ଗାଁର ନୀଳମାଧବ କୃଷି ସଙ୍ଗଠନର ଆବେଦନ ଓ ନୟାଗଡ଼ ପ୍ରଶାସନର ୨ ବର୍ଷର ଚେଷ୍ଟା ସଫଳ ହୋଇଛି। ଏ ନେଇ ଧାନଚାଙ୍ଗଡାର ଚାଷୀ କୃଷ୍ଣଚନ୍ଦ୍ର ସାହୁ କୁହନ୍ତି, ମୋ ବାପା ଓ ଜେଜେବାପା କଣ୍ଟେଇମୁଣ୍ଡି ବାଇଗଣ ଚାଷ କରୁଥିଲେ। ମୋ ବୟସ ୭୦ ବର୍ଷ। ଏଣୁ କଣ୍ଟେଇମୁଣ୍ଡି ବାଇଗଣ ଚାଷ ଆମ ଅଞ୍ଚଳରେ ବହୁ ପୁରୁଣା। ଜେଜେ ଓ ବାପାଙ୍କ ପୂର୍ବରୁ ଏହି ଚାଷ କଣ୍ଟିଲୋରେ ହେଉଥିଲା ବୋଲି ମୁଁ ସେମାନଙ୍କଠାରୁ ଶୁଣିଛି। ଏପରିକି କଣ୍ଟେଇମୁଣ୍ଡି ବାଇଗଣର ନାଁ କଣ୍ଟିଲୋର ନାମକରଣକୁ ନେଇ ହୋଇଛି। ଏହି ବାଇଗଣ ପ୍ରଥମେ କଣ୍ଟିଲୋ ଅଞ୍ଚଳରେ ଚାଷ ହୋଇଥିଲା। ଲକ୍ଷ୍ମୀପ୍ରସାଦର ଚାଷୀ ଯୁଗଳ କିଶୋର ନାୟକ ଓ ଚନ୍ଦ୍ରମଣି ପ୍ରଧାନ, ବାଣପୁରର ଚାଷୀ ଜମ୍ଭେଶ୍ୱର ପ୍ରଧାନ କୁହନ୍ତି, କଣ୍ଟିଲୋ ଓ ଆଖପାଖ ଅଞ୍ଚଳର କଣ୍ଟେଇମୁଣ୍ଡି ବାଇଗଣର ବାଣିଜ୍ୟିକ ହାଟ କଳାପଥର ନୁହେଁ। ଏହା ଆମ ଅଞ୍ଚଳରୁ କେବଳ କିଛି ନୟାଗଡ଼ ଜିଲା ସଦର ମହକୁମାକୁ ଯାଉଛି। ଅବଶିଷ୍ଟ ଆମ ଅଞ୍ଚଳକୁ ପାଉନି। ବାଇଗଣ ଅତି ସ୍ୱାଦିଷ୍ଟ ଥିବାରୁ ପ୍ରଥମେ ପ୍ରଥମେ ଅମଳ ସମୟରେ ୯୦ରୁ ୧୦୦ ଟଙ୍କା କେଜି ରହିଥାଏ। ପରେ ୫୦ରୁ ୬୦ ଟଙ୍କାରେ ବିକ୍ରି ହୁଏ। ଏହି ବାଇଗଣରେ ବ୍ୟବସାୟୀର ଭୂମିକା ନ ଥାଏ। କେବଳ ଚାଷୀ ଅମଳ କରି ବିକେ। ଆମେ ଜାଣିବାରେ ବାଙ୍କୀ ଅପେକ୍ଷା କଣ୍ଟିଲୋ ଓ ଆଖପାଖ ବାଇଗଣର ସ୍ୱାଦ ନିଆରା। ଏହାର ପାଚିଲା ବାଇଗଣକୁ ଖଟା ଓ ତରକାରୀରେ ପକାଇବାକୁ ମଧ ଲୋକେ କିଣି ନିଅନ୍ତି। ବାଣପୁର ଚାଷୀ ଅମର ରାଉତ କୁହନ୍ତି, କଣ୍ଟିଲୋ ହେଉଛି କଣ୍ଟେଇମୁଣ୍ଡି ବାଇଗଣର ଜନ୍ମଦାତ୍ରୀ। ବାଇଗଣର ସ୍ୱାଦ ଯୋଗୁ ଧୀରେ ବାଇଗଣ ଚାଷ ମହାନଦୀ ପଠାରେ ବ୍ୟାପିବାରେ ଲାଗିଲା। ନୟାଗଡ଼ ପରେ ଅନ୍ୟ ଜିଲାର ଚାଷୀ ଏହାକୁ ଆପଣେଇ ଥିଲେ। ତେବେ ଜନ୍ମଦାତ୍ରୀକୁ କ'ଣ ଅଣଦେଖା କରିହେବ। ଏଣୁ ଜିଆଇ ଟ୍ୟାଗ ନୟାଗଡ଼ ଜିଲା ପାଇବା ଜରୁରୀ। ନହେଲେ ଏହା ନୟାଗଡ଼ ପାଇଁ ଅନ୍ୟାୟ ହେବ ବୋଲି ସେ କହିଛନ୍ତି।

### କଣ୍ଟେଇମୁଣ୍ଡି ପର୍ଯ୍ୟଟକଙ୍କ ପସନ୍ଦ

ପର୍ଯ୍ୟଟନ କ୍ଷେତ୍ର କଣ୍ଟିଲୋକୁ ଆସୁଥିବା ପର୍ଯ୍ୟଟକମାନେ ଶ୍ରୀନୀଳମାଧବଙ୍କୁ ଦର୍ଶନ ପରେ କଣ୍ଟେଇମୁଣ୍ଡି ବାଇଗଣକୁ ଖୋଜିଥାନ୍ତି। ପର୍ଯ୍ୟଟକଙ୍କ ପସନ୍ଦ କଣ୍ଟେଇମୁଣ୍ଡି ବାଇଗଣ। ଏ ନେଇ ସୁଦୁର କୋଲକତାର ପର୍ଯ୍ୟଟକ ଆଶିଷ କୁମାର ଆଚାର୍ଯ୍ୟ କୁହନ୍ତି, ଯେତେବେଳେ କଣ୍ଟିଲୋ ଆସେ ସୁବବେଳେ କଣ୍ଟେଇମୁଣ୍ଡି ବାଇଗଣ ନେଇ ଘରକୁ ଫେରେ। ଏହି ବାଇଗଣ ମୋ ମା'ବାପାଙ୍କର ପସନ୍ଦ ରହିଛି। ଆମ ଅଞ୍ଚଳର ଅନ୍ୟ ପର୍ଯ୍ୟଟକ ବି ଫେରିବା ବେଳେ ଏହି ବାଇଗଣ ଆଗ୍ରହର ସହ ନେଇଥାନ୍ତି।

## ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାଥମିକ ଶିକ୍ଷକ ସଂଘର ଧାରଣା

ନୟାଗଡ଼,୮।୯(ଲୋକନାଥ ମିଶ୍ର)

ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନରେ ୩ ଦଫା ଦାବି ନେଇ ସମଗ୍ର ରାଜ୍ୟର ୩୧୪ଟି ବ୍ଲକରେ ପ୍ରାଥମିକ ଶିକ୍ଷକମାନେ ଅର୍ନିଦ୍ଧିଷ୍ଟ ସମୟ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାର ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ପରି ୮ଟି ବ୍ଲକରେ କାର୍ଯ୍ୟରତ ୪ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାଜ୍ୟ ସରକାର ଶିକ୍ଷକମାନଙ୍କ ଦାବି ପୂରଣ ନକଲା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ଶିକ୍ଷକମାନେ ଚେତାବନୀ ଦେଇଛନ୍ତି। ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକମାନଙ୍କ ଛଅ ବର୍ଷର ଠିକା ନିଯୁକ୍ତିକୁ ଉଚ୍ଛେଦ କରିବା ସହ ଏକ୍ସ କ୍ୟାଡର, କ୍ରୀଡ଼ା ଏବଂ କଳା ଶିକ୍ଷକମାନଙ୍କୁ ନିୟମିତ କରିବା ଦାବି ରହିଛି। ସେହିପରି କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଏବଂ ନୂତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନ ପ୍ରଚଳନ ଆଦି ଅନୁରୂପ ଦାବି ରହିଛି। ସମ୍ପୃକ୍ତ ତିନି ଦାବି ନେଇ


ଧାରଣାରତ ଶିକ୍ଷୟିତ୍ରୀଶିକ୍ଷକମାନେ।

୨୦୨୨ ନଭେମ୍ବରରେ ଶିକ୍ଷକମାନେ ଭୁବନେଶ୍ୱର ରାଜରାସ୍ତାରେ ଦୀର୍ଘ ୪ଦିନ ଧରି ଅହୋରାତ୍ର ଧାରଣାରେ ବସିଥିଲେ। ସରକାର ଶିକ୍ଷକମାନଙ୍କର ଦାବି ଯଥାଶ୍ରୀଘ୍ର ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଇତିମଧ୍ୟରେ ଦୀର୍ଘ ବର୍ଷେ ବିତି ଯାଇଥିଲେ ସୁଦ୍ଧା ସରକାର ଶିକ୍ଷକମାନଙ୍କ ଦାବିପ୍ରତି ଅଣଦେଖା କରୁଥିବା ପ୍ରତିବାଦରେ ଶିକ୍ଷକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ନୟାଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପରିସରରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପୀତବାସ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ କମ୍ୟୁନିଷ୍ଟ ନେତା ବିଶ୍ୱନାଥ ମହାପାତ୍ର ଉଦ୍‌ବୋଧନ ଦେଇ ସରକାର ପ୍ରାଥମିକ ଶିକ୍ଷାକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରୁଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ସାହୁ, ମିନାକ୍ଷୀ କର, ସନ୍ତୋଷ ପ୍ରଧାନ, ମୃତ୍ୟୁଞ୍ଜୟ ଷଡଙ୍ଗୀ, ଅଶୋକ ମଲ୍ଲ, ବିଶ୍ୱନାଥ ସାହୁ ପ୍ରମୁଖ ଶିକ୍ଷକମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟ ସରକାର ତୁରନ୍ତ ଶିକ୍ଷକମାନଙ୍କ ଦାବି ପୂରଣ କରିବାକୁ ଦାବି କରିଥିଲେ।

## ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ନୟାଗଡ଼,୮।୯(ଲୋକନାଥ ମିଶ୍ର)

### ନାବାଳିକା ଅପହରଣ, ବଳାତ୍କାର ମାମଲାର ରାୟ

ନୟାଗଡ଼ ପୋକସୋ କୋର୍ଟରେ ଖଣ୍ଡପଡା ଥାନା ଅଞ୍ଚଳର ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ୧୬ଜଣ ସାକ୍ଷୀ ଓ ପୀଡିତାଙ୍କ ବୟାନ, ବିଭିନ୍ନ ପ୍ରମାଣ, ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଜବାବ ସୁଆଲ, ତଦନ୍ତକାରୀ ଅଫିସର ଶ୍ରଦ୍ଧା ନାୟକଙ୍କ ତଦନ୍ତକୁ ପୋକସୋ କୋର୍ଟ ବିଚାରପତି ନିରଞ୍ଜନ ପଣ୍ଡା ବିଚାରକୁ ନେଇଥିଲେ। ପରେ ଖଣ୍ଡପଡା ଥାନା ନୂଆଗାଁ (ରୂପାପଲ୍ଲୀ)ର ବିରଞ୍ଚି ପ୍ରଧାନ (୨୪)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ, ୩୦ ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦେୟ ଅତିରିକ୍ତ ୧୧ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି।

ପ୍ରାପ୍ତ ସୂଚନା ଅନୁସାରେ, ୨୦୨୨ ଜୁନ ୭ରେ ନୂଆଗାଁ(ରୂପାପଲ୍ଲୀ) ଗାଁର ବିରଞ୍ଚି ପ୍ରଧାନ ସ୍ଥାନୀୟ ଅଞ୍ଚଳରେ ଜଣେ ୧୫ ବର୍ଷିୟା ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ପରେ ନାବାଳିକାଙ୍କୁ ତାମିଲନାଡୁରେ ରଖି ଅନିଚ୍ଛାସତ୍ତ୍ୱେ ବିବାହ କରି ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ନାବାଳିକାଙ୍କ ପରିବାର ଲୋକେ ଝିଅ ନିଖୋଜ ନେଇ ଖୋଜାଖୋଜି କରିଥିଲେ। ପରେ ଅପହରଣ କରାଯାଇଥିବା ଜାଣି ୨୦୨ ଜୁନ ୯ରେ ଖଣ୍ଡପଡା ଥାନାରେ ଅଭିଯୋଗ କରିଥିଲେ। ଏପରିକି ଝିଅକୁ ବଳତ୍କାର କରାଯାଇଥିବା ଅଭିଯୋଗ ରେ ଦର୍ଶାଇଥିଲେ। ଅଭିଯୋଗକୁ ନେଇ ପୋଲିସ ୩୬୩, ୩୬୫, ୩୭୬(୩), ୩୭୬(୨)(ଏନ),୬ ପୋକସ ଆକ୍ଟ ଦଫାରେ ନଂ. ୧୪୫/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଅଭିଯୁକ୍ତ ଜାମିନରେ ଥିଲେ। ଶୁକ୍ରବାର ଦଣ୍ଡ ପରେ ପୁଣି ଜେଲ ଯିବାକୁ ପଡିଛି। ଅନ୍ୟପକ୍ଷେ ପୀଡିତାଙ୍କୁ ୪ ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ରହିଛି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦାଶରଥି ସାହୁ ମୋକଦ୍ଦମା ପରିଚାଳନା କରୁଥିଲେ।

### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଲୋକ


@ ନୃସିଂହ


@ ପ୍ରଭଞ୍ଜନ


@ ପଦ୍ମିନୀ


@ ରାକେଶ


@ ସଞ୍ଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ

ନୟାଗଡ,୮।୯(ଲୋକନାଥ ମିଶ୍ର)

### ଅଧ୍ୟାପକଙ୍କ ଆନ୍ଦୋଳନ ୪ ଦିନରେ

ଗ୍ରେଡ ପେ ସଂଶୋଧନ ଦାବିରେ ନୟାଗଡ ଜିଲାରେ ବିଭିନ୍ନ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଷ୍ଟେଟ୍ ସିଲେକ୍ସନ ବୋର୍ଡ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଧାରଣା ୪ର୍ଥ ଦିନରେ ପହଞ୍ଚିଛି। ଜିଲାର ୧୩୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ ଓ ଅଧ୍ୟାପିକାମାନେ କଳା ବ୍ୟାଜ୍ ପିନ୍ଧି ଗୁରୁ ଦିବସ ଠାରୁ ପ୍ରତିବାଦ ଜାରି ରଖିଛନ୍ତି। ରାଜ୍ୟର ୪୮୮ ବର୍ଗ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କର ଗ୍ରେଡ ପେ ୪୬୦୦ରୁ ୫୪୦୦ କୁ ବୃଦ୍ଧି କରିବା ସହ ପିଛିଲା ଭାବେ ୨୦୧୬ ମସିହାରୁ ଲାଗୁ କରିବାକୁ ଦାବି କରି ଆସୁଛନ୍ତି। ସରକାର ଏହାକୁ ବିଚାରକୁ ନେବା ପାଇଁ ଅନୁରୋଧ କରାଯାଇଛି।


ଅଧ୍ୟାପିକାଅଧ୍ୟାପକମାନେ ନୟାଗଡ଼ ସ୍ୱୟଂଶାସିତ କଲେଜ ସମ୍ମୁଖରେ ଧାରଣା ଦେଇଛନ୍ତି।

## ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତା

ନୂଆଗାଁ, ୮।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିବା ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟର ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନୂଆଗାଁ ମା' ସମଲେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିଛ। ସେହିପରି ପ୍ରତିଯୋଗିତାରେ ମହିତମା ଅଙ୍ଗନୱାଡି କର୍ମୀ ଲୀଳାବତି ପାତ୍ର ଦ୍ୱିତୀୟ ସ୍ଥାନ ଓ ସିକ୍ରିଡା ଶିବାନୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଆନ୍ତର୍ଜାତୀୟ ମିଲଟ ବର୍ଷ-୨୦୨୩ ଉପଲକ୍ଷେ ଜିଲା କୃଷି ବିଭାଗ ସହଯୋଗରେ ହାମ୍‌ସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ୨ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ନୁଆଗାଁ ବ୍ଲକର ୧୨ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ୩ଟି ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଭାଗ ନେଇଥିଲେ। ଏଥିପାଇଁ ସେମାନେ ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଆଣିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୧୫ ପ୍ରତିଯୋଗୀଙ୍କ ମଧ୍ୟରୁ ଦ୍ୱିତୀୟ ଦିବସ ପାଇଁ ୯ ଜଣଙ୍କୁ ଚୟନ କରାଯାଇଥିଲା। ତେବେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ୯ ଜଣଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସେଥିମଧ୍ୟରୁ ୩ ଜଣଙ୍କୁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କୃତ କରାଯାଇଥିଲା। ମାଣ୍ଡିଆ ସୁପ୍, ମାଣ୍ଡିଆ ତିଆରି ଦହିବରା, ମାଣ୍ଡିଆ କେକ୍ ଆଦି ମାଣ୍ଡିଆରେ ୭ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରି ନୂଆଗାଁ ମା' ସମଲେଶ୍ୱରୀ ମହିଳା ଏସ୍ଏଚଜି ପ୍ରଥମ ହୋଇଥିବା ବେଳେ ମିଲ୍କ୍ ସେକ୍, ମାଣ୍ଡିଆ ଦାନ୍ତକିଲି, ମିକ୍ସଚର ଆଦି ପ୍ରସ୍ତୁତ କରି ଅଙ୍ଗନୱାଡି କର୍ମୀ ଲୀଳାବତୀ ଦ୍ୱିତୀୟ ସ୍ଥାନ ଓ ମାଣ୍ଡିଆରେ ରସାବଳୀ, ଗୋଲାପ ଜାମୁ ଆଦି ପ୍ରସ୍ତୁତ କରି ଶିବାନୀ ଏସ୍ଏଚଜି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଖାଦ୍ୟର ଗୁଣାତ୍ମକ ମାନ, ପରିଷ୍କାର ପରିଚ୍ଛନ୍ନତା ଆଦିକୁ ବିଚାରକୁ ନେଇ ବିଚାରକ ମଣ୍ଡଳୀ ପ୍ରତିଯୋଗୀଙ୍କ ସ୍ଥାନ ନିରୂପଣ କରିଥିଲେ। ପ୍ରତିଯୋଗିତାର ଉଦଯାପନୀ ଦିବସରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା କୃଷି କାର୍ଯ୍ୟାଳୟରୁ ଆସିଥିବା ଅଧିକାରିଣୀ ସ୍ୱାଗତିକା ଗତି, ଓଡ଼ିଶା ମିଲଟ ମିଶନ ଜିଲା କୋଷାଧ୍ୟକ୍ଷ ରାଜୀବ କୁମାର ସାହୁ, ନୂଆଗାଁ, ବିପିଏମ୍ ସସ୍ମିତା ପରିଡା, ନୂଆଗାଁ ମିଶନ ଶକ୍ତି ସଂଯୋଜକ ଦିଲୀପ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହାମସ ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ମହାପାତ୍ର ଓ ସଂଯୋଜିକା ସୁନୀତା ଦାସଗୁପ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଓ କର୍ମକର୍ତ୍ତା।

### ନୂଆଗାଁ ମା' ସମଲେଶ୍ୱରୀ ଏସ୍‌ଏଚ୍‌ଜି ପ୍ରଥମ

## ସଂକ୍ଷେପରେ

### ମରାମତି ହେଲା ରାଜପଥ

**ପାଣିକୋଇଲି,୮।୯(ବିକାଶ ମଲ୍ଲିକ):** ୨୦ ନମ୍ବର ଜାତୀୟ ରାଜପଥ ଦୁରାବସ୍ଥା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏନେଇ ଗୁରୁବାର ରାସ୍ତାରୋକୋ କରାଯିବା ପରେ ଏହାର ମରାମତି କରାଯାଇଛି। ଶୁକ୍ରବାର ରାଜପଥର ପାଣିକୋଇଲି ଥାନା ଅଞ୍ଚଳରେ ଖାଲ ପୋତା ଆରମ୍ଭ ହୋଇଛି। ହେଲେ



ଅନେକ ଛୋଟ ଖାଲକୁ ଛାଡ଼ି ଦେବା ଯୋଗୁ ତାହା ପୁଣି ବଡ଼ ଖାଲରେ ପରିଣତ ହେବା ସମ୍ଭାବନା ରହିଛି। ଖାଲଗୁଡ଼ିକୁ ସିମେଣ୍ଟ ବାଲିରେ ପୋତା ଯାଉଥିବାରୁ ତାହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ଯେହେତୁ ଏହି ରାସ୍ତାରେ ପ୍ରତିଦିନ ଭାରିଯାନ ଯାତାୟତ କରୁଛି ତେଣୁ ପୁନଃ ମରାମତି ପାଇଁ ଦାବି କରାଯାଇଛି।

### ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ, ଯାତାୟାତ ବାଧାପ୍ରାପ୍ତ

**ପାଣିକୋଇଲି,୮।୯(ବିକାଶ ମଲ୍ଲିକ):** ପାଣିକୋଇଲି ବଜାର ତଥା ୨୦ ନମ୍ବର ଜାତୀୟ ରାଜପଥ ଓ ସଂଯୋଗୀ କରଣ



ରାସ୍ତା ମଝିରେ ଦୀର୍ଘଦିନ ହେବ ବିଦ୍ୟୁତ୍ ଖୁଣ୍ଟ ରଖାଯାଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ରାଜପଥ ମଝିରେ ଏକ ୪ ଖୁଣ୍ଟିଆ ବିଦ୍ୟୁତ୍ ଖୁଣ୍ଟ ପଡ଼ିବା ପାଇଁ ସ୍ଥିର ହୋଇଛି। ଫଳରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ୪ଟି ଲମ୍ବା ଲୁହା ଖୁଣ୍ଟ ରଖାଯାଇଛି। ହେଲେ କାମ ହେଉନି କି ତାହାକୁ ସ୍ଥାନାନ୍ତର କରାଯାଉ ନାହିଁ। ତେଣୁ ସଂଯୋଗୀକରଣ ରାସ୍ତାରୁ ରାଜପଥକୁ ଯାତାୟାତ କରୁଥିବା ବା ବଜାରରୁ ରାଜପଥକୁ ଯାଉଥିବା ବ୍ୟକ୍ତିବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ହେଲେ ବିଦ୍ୟୁତ୍ ବିଭାଗ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ତେଣୁ ତ୍ୱରିତ ବିଦ୍ୟୁତ୍ ଖୁଣ୍ଟ ପୋତିବାକୁ ଅବା ସ୍ଥାନାନ୍ତର କରିବାକୁ ସାଧାରଣରେ ଦାବି ହୋଇଛି।

### ବିରଜା ମନ୍ଦିର ସେବାୟତଙ୍କ ପରଲୋକ

**ଯାଜପୁର ଟାଉନ,୮।୯(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):** ମା' ବିରଜା ମନ୍ଦିରର ସେବାୟତ ଗୋପାଳ ଚନ୍ଦ୍ର ପାଣି(୬୨)ଙ୍କ ଗତ ବୁଧବାର କଟକର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କ ଦେହ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକର ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବାପରେ ବିରଜା ମନ୍ଦିର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ମର ଶରୀରକୁ ବାରୁଣୀ ମହାଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ମାନସ ପାଣି ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ବେଳେ ମନ୍ଦିର କର୍ମଚାରୀମାନେ ଉପସ୍ଥିତ ଥିଲେ। ଗୋପାଳ ମା' ବିରଜା ମୁକ୍ତି ମଣ୍ଡପ ସେବାୟତ ପରିଷଦର ଜଣେ ବରିଷ୍ଠ ମାର୍ଗ ଦର୍ଶକ ଥିବାରୁ ସେବାୟତ ପରିଷଦ ସଭାପତିଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ଟ୍ରଷ୍ଟି ତଥା ଉପଜିଲାପାଳ ଗୋପୀନାଥ କୁଅଁର ଶୋକ ପ୍ରକାଶ କରିଛନ୍ତି।

# ୫-ଟିରେ ରୂପାନ୍ତର ବିଦ୍ୟାଳୟ ପାଚେରି ଭୁଶୁଡ଼ିଲା



ଭୁଶୁଡ଼ି ପଡ଼ିଥିବା ପାଚେରି।

**କବାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ**

**■ ନିମ୍ନମାନର କାର୍ଯ୍ୟ ଅଭିଯୋଗ**

**ଜେନାପୁର,୮।୯(ଅଶୋକ ଦାସ)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କବାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ପାଚେରି ଗୁରୁବାର ଭୁଶୁଡ଼ି ପଡ଼ିଛି। ୧୯୬୭ରେ ସ୍ଥାପିତ ଏହି ବିଦ୍ୟାଳୟକୁ ରାଜ୍ୟ ସରକାର ୫-ଟି ଯୋଜନାରେ ସାମିଲ କରି ରୂପାନ୍ତର କରିଥିଲେ। ହେଲେ ନିମ୍ନମାନର କାମଯୋଗୁ ଲଘୁଚାପ ଜନିତ ବର୍ଷାରେ ପାଚେରି ଭୁଶୁଡ଼ି ପଡ଼ିଛି ବୋଲି ଅଭିଯୋଗ ହୋଇଛି। ତେବେ ଏହି ସମୟରେ ଛାତ୍ରୀଛାତ୍ର ନ ଥିବାରୁ ଏକ ବଡ଼ ବିପଦ ଟଳିଯାଇଛି। ୫-ଟି ଯୋଜନାରେ ପାଚେରି ନିର୍ମାଣ ପାଇଁ ଅନୁଦାନ ମିଳିଥିଲେ ସୁଧା ଠିକାଦାର ନୂଆ ପାଚେରି ପରିବର୍ତ୍ତେ, ପୁରୁଣା ପାଚେରିକୁ ରଙ୍ଗବୋଳି ନୂଆ ପାଚେରିର ରୂପ ଦେଇଥିଲେ। ସେହିପରି ପାଚେରିକୁ ଲାଗି ରହିଥିବା ବାଳିକା ଶୌଚାଳୟ ଏବେ ଭୁଶୁଡ଼ିବା ଅବସ୍ଥାରେ ରହିଛି। ଏହି ବିଦ୍ୟାଳରେ ଅନେକ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୫୮୦ ପିଲା ପାଠ ପଢୁଛନ୍ତି। ହେଲେ ଆବଶ୍ୟକ ସଂଖ୍ୟକ ଶିକ୍ଷୟିତ୍ରୀଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଖାଲି ସେତିକି ନୁହେଁ, ସ୍କୁଲ୍ ଛାତ୍ରୀଛାତ୍ରଙ୍କ ସାଇକେଲ ରଖିବାର କୌଣସି ସୁବିଧା ନାହିଁ। ଏବେ ବର୍ଷା ଦିନ ହୋଇଥିବାରୁ ସ୍କୁଲ ବାରଣ୍ଡାରେ ବସି ପିଲାମାନେ ମଧ୍ୟାହ୍ନଭୋଜନ କରୁଛନ୍ତି। ତେଣୁ ବିଦ୍ୟାଳୟର ଏସବୁ ସମସ୍ୟା ପ୍ରତି ଜିଲାପାଳ ଦୃଷ୍ଟିଦେବାକୁ ଅଭିଭାବକ ମହଲରେ ଦାବି ହୋଇଛି।

# ଭଙ୍ଗା ଚାଳଘରେ ବୃଦ୍ଧ ଦମ୍ପତିଙ୍କ ଜୀବନ



ଭଙ୍ଗାଘରେ ଆଶ୍ରୟ ନେଇଛନ୍ତି ବୃଦ୍ଧ ଦମ୍ପତି।

**■ ଅଲଗା କରିଦେଲେ ପୁଅ, ବୋହୂ**

**■ ପ୍ରଶାସନ ସହାୟତାର ହାତ ବଢ଼ାଇବାକୁ ଦାବି**

**ଯାଜପୁର ଟାଉନ,୮।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)**

ଯାଜପୁର ବ୍ଲକ୍ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମ ୯ନଂ. ୱାର୍ଡର ବୃଦ୍ଧ ଦମ୍ପତି ନାରାୟଣ ତରେଇ (୮୭) ଓ ବୁଢ଼ୀ ତରେଇ (୮୪) ଏକ ଭଙ୍ଗା ଚାଳ ଘରେ ଜୀବନ ବିତାଉଛନ୍ତି।

ଲଘୁଚାପ ଜନିତ ବର୍ଷା ଯୋଗୁ ଗତ ୫ ତାରିଖ ରାତିରେ ଶୋଇଥିବା ଅବସ୍ଥାରେ ସେମାନଙ୍କ ଘରର ଗୋଟିଏ ପାଖ ମାଟି କାନ୍ଥ ଭାଙ୍ଗି ପଡ଼ିଛି। କାନ୍ଥଟି ଘରର ଭିତରପଟକୁ ନ ପଡ଼ି ବାହାରପଟକୁ ପଡ଼ିବା ଫଳରେ ଘରଟି ସମ୍ପୂର୍ଣ୍ଣ ଶୋଇପଡ଼ିଛି। ଏଥିଯୋଗୁ ବୃଦ୍ଧ ଦମ୍ପତିଙ୍କ ଜୀବନ ବଞ୍ଚିଯାଇଥିଲେ ମଧ ଏବେ ସେହି ଘରେ ଦମ୍ପତି ଅସହାୟ ଅବସ୍ଥାରେ ପଡ଼ିରହିଛନ୍ତି। ସେମାନଙ୍କ ଦେଖାଶୁଣା କରିବା ପାଇଁ କେହିନାହାନ୍ତି। ଦମ୍ପତି ନିଜ କାମ ନିଜେ କରୁଛନ୍ତି। ଗତ କିଛିଦିନ ପୂର୍ବେ ଦମ୍ପତିଙ୍କୁ ଏକ ଇନ୍ଦିରା ଆବାସ ପାଇଁ ସରକାରୀ ସହାୟତା ମିଳିଥିଲା। ଏବେ ସେହି ଘରେ ପୁଅବୋହୂ ନିଜ ପିଲାମାନଙ୍କ ସହ ରହି ବୃଦ୍ଧ ଦମ୍ପତିଙ୍କୁ ବାହାର କରି ଦେଇଛନ୍ତି। ୧୦ କିଲୋ ରାଶନ ଚାଉଳ ଓ ବାର୍ଦ୍ଧକ୍ୟ ଭତ୍ତା ସେମାନଙ୍କ ସାହାରା ପାଲଟିଛି। ଅଭାବ ପଡ଼ିଲେ ସାହିପଡ଼ୋଶୀଙ୍କୁ ସହାୟତା ମାଗୁଛନ୍ତି। କଷ୍ଟରେ ରହୁଥିବାରୁ ଆମ୍ଭଙ୍କୁ ଜୀବନରୁ ମାରିଦିଅ। ଆଉ ଏତେ କଷ୍ଟ ସହି ହେଉନାହିଁ ବୋଲି ବୃଦ୍ଧ ଦମ୍ପତି ଲୋକମାନଙ୍କୁ କହୁଥିବା ଦେଖିବାକୁ ମିଳିଛି। ତେଣୁ ପ୍ରଶାସନ ଏହି ଦମ୍ପତିଙ୍କ ପ୍ରତି ସହାୟତାର ହାତ ବଢ଼ାଇବାକୁ ଦାବି ହୋଇଛି।

# ଟାଟାଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଦୃଷ୍ଟିହୀନଙ୍କୁ ପ୍ରଶିକ୍ଷଣ




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ବିଶେଷଜ୍ଞ ଓ ପ୍ରଶିକ୍ଷାର୍ଥୀ।

**କାଳିଆପାଣି,୮।୯(ଅସିତ ମହାନ୍ତ)**

ଟାଟାଷ୍ଟିଲ ଫାଉଣ୍ଡେଶନ(ଟିଏସ୍ଏଫ୍) ପକ୍ଷରୁ ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ ଥିବା ସବଳ କେନ୍ଦ୍ରରେ ଦୃଷ୍ଟିହୀନମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୯ଜଣଙ୍କୁ ସହାୟକ ଡିଭାଇସ ଓ ଏହାର ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ଦିଆଯାଇଛି। ଏହି ୫ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଦୁଇଟିବ୍ୟାଚ୍‌ରେ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଆଇଆଇଟି ଦିଲ୍ଲୀର ଆସିଷ୍ଟେକ ଲ୍ୟାବ ଓ ଏନ୍‌ଜିଓ ସକ୍ଷମର ବିଶେଷଜ୍ଞମାନେ ଯୋଗଦେଇ ସ୍କ୍ରିନ ରିଡର, ବ୍ରେଲି ପ୍ରଦର୍ଶନ, ଟ୍ୟାକ୍ଟାଇଲ ପୁସ୍ତକ, ଇନ୍‌ଡୋର ନାଭିଗେସନ ଡିଭାଇସ, ସହାୟକ ବା ଭଳି ଉପକରଣ ଏବଂ ଇ-ଲାଇବ୍ରେରିକୁ କିଭଳି ବ୍ୟବହାର କରାଯାଇପାରିବ ତାହା ଉପରେ ତାଲିମ ପ୍ରଦାନ କରିଥିଲେ।

ଏଥିରେ ଟାଟାଷ୍ଟିଲ୍ ଫେରୋ ଆଲଏଜ ଓ ମାଙ୍ଗାନିଜ ଡିଭିଜନର ଏକଜିକ୍ୟୁଟିଭ ଇନ୍‌ଚାର୍ଜ ପଙ୍କଜ ସତିଜା ଯୋଗଦେଇ କହିଥିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେମାନଙ୍କ ପ୍ରକୃତ ସାମର୍ଥ୍ୟ ପର୍ଯ୍ୟନ୍ତ ପହଞ୍ଚାଇ ସେମାନଙ୍କୁ ସଶକ୍ତ କରିବାରେ ଆମେ ବିଶ୍ୱାସ କରୁ ଏବଂ ଏହି ସ୍ୱତନ୍ତ୍ର ତାଲିମ କର୍ମଶାଳା ହେଉଛି ତାହାର ପ୍ରତିଫଳନ। ଅବହେଳିତ ସମୁଦାୟର ଲୋକଙ୍କୁ ଦକ୍ଷତା ବିକାଶର ସୁଯୋଗ ପ୍ରଦାନ କରି ଏକ ଅନ୍ତର୍ଭୁକ୍ତୀକରଣ ସମାଜ ଗଠନ ପାଇଁ ଆମେ ଆମର ପ୍ରତିବଦ୍ଧତା ଆଗକୁ ମଧ ଅଛୁ। କର୍ମଶାଳାରେ ପ୍ରତ୍ୟକ୍ଷ ତାଲିମ, ବିଶେଷଜ୍ଞମାନଙ୍କ ମାର୍ଗଦର୍ଶନ ଏବଂ ଅତ୍ୟାଧୁନିକ ସହାୟକ ଜ୍ଞାନକୌଶଳ ଜରିଆରେ ଅଂଶଗ୍ରହଣକାରୀମାନେ ବହୁମୂଲ୍ୟ ଦକ୍ଷତା ହାସଲ କରିଥିଲେ। ଯାହା ଦୃଷ୍ଟିହୀନଭାବେ ସେମାନେ ସାମ୍ନା କରୁଥିବା ଆହ୍ୱାନକୁ ମୁକାବିଲା କରିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଡିଜିଟାଲ ସାକ୍ଷରତା ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା। ଫଳରେ ସେମାନେ ଦୈନନ୍ଦିନ ଜୀବନରେ ଜ୍ଞାନକୌଶଳକୁ ପ୍ରଭାବଶାଳୀ ଢଙ୍ଗରେ ବ୍ୟବହାର କରିପାରିବେ। ଟାଟାଷ୍ଟିଲ ଫାଉଣ୍ଡେଶନର ୟୁନିଟ ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ, ଟାଟାଷ୍ଟିଲ୍ ଏଜିଏମ୍(ପ୍ରଶାସନ) ଗୌତମ ଚକ୍ରବର୍ତ୍ତୀ ଓ ଟାଟାଷ୍ଟିଲ ଫାଉଣ୍ଡେଶନର ପ୍ରବନ୍ଧକ ଦୀକ୍ଷା ମଖିଜାଙ୍କ ମାର୍ଗଦର୍ଶନ ଓ ସଂଯୋଜନାରେ ଶିବିର ଅନୁଷ୍ଠିତ ହୋଇଥିଲା।

# ଦାବିପୂରଣ ପାଇଁ ଧାରଣା

**ଯାଜପୁର ଟାଉନ,୮।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ୍ ଯାଜପୁର ବ୍ଲକ୍ ସଂଗଠନ ପକ୍ଷରୁ ଶୁକ୍ରବାର ଯାଜପୁର ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ରାଜ୍ୟ ସରକାର ଦାବିପୂରଣ କରୁ ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସରକାର ଶିକ୍ଷକଙ୍କ ଦାବିକୁ ଅଣଦେଖା କରୁଛନ୍ତି। ଫଳରେ ବାଧ ହୋଇ ସେମାନେ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ନାରାବାଜି କରିଛନ୍ତି। ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ, ଶିକ୍ଷାକର୍ମୀ ଓ ଶିକ୍ଷାସହାୟକଙ୍କ ଠିକା କାର୍ଯ୍ୟାଳୟକୁ ନେସ୍‌ନାଲ୍ ଇଂକ୍ରିମେଂଟ ପ୍ରଦାନ କରି ମୂଳ ଚାକିରିରେ ଗଣନା ସହିତ ଏକ୍ସ କ୍ୟାଡ଼ରର ଶିକ୍ଷକ, କଳା ଓ କ୍ରୀଡ଼ା ଶିକ୍ଷକକୁ ନିୟମିତ, ଶିକ୍ଷକଙ୍କ ମାନ୍ୟତା ପ୍ରଦାନ କରାଯିବା ଓ ପୁରାତନ ପେନସନ୍‌କୁ ପୁନଃ ପ୍ରଚଳନ ଆଦି ଦାବିରେ ଏହି ଧାରଣା ଦିଆଯାଇଛି। ନାରାୟଣ ମହାଳିକ, ବେଣୁଧର ଦାସ, ପ୍ରଭାକର ସାହୁ, ସ୍ୱାଧୀନ କୁମାର ଜେନା, ପ୍ରଫୁଲ୍ଲ କୁମାର ଓଝା, ଅର୍ପିତା ଅପରାଜିତା ଧଳଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଧାରଣାରେ ସାମିଲ ହୋଇଛନ୍ତି। ଏନେଇ ସଂଘ ପକ୍ଷରୁ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ମହାବିନାୟକ ଲଘୁଖଣିଜ ପରିବହନ ମାଲିକ ସଂଘର ଶପଥପାଠ



କର୍ମକର୍ତ୍ତା ଶପଥ ପାଠ କରୁଛନ୍ତି।

**ଧର୍ମଶାଳା,୮।୯(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ୍ ପରିସରରେ ମହାବିନାୟକ ଲଘୁଖଣିଜ ମାଲିକ ସଂଘର ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଜାମ୍ବର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟର ଅବସରପ୍ରାପ୍ତ ସିଡିଏମଓ ଡା. ବିଜୟ କୁମାର ଶତପଥୀ ଯୋଗଦେଇ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଚଳିତ ଥର ସଂଘ ସଭାପତି ଭାବେ ଅଜାମ୍ବର ସାହୁ, ଉପସଭାପତି ସରୋଜ କୁମାର ରାଉତ, ସମ୍ପାଦକ ଅମିତ କୁମାର ସାହୁ, ଯୁଗ୍ମସମ୍ପାଦକ ମହେନ୍ଦ୍ର ଦାସ ଓ ଅଶୋକ କୁମାର ପରିଡ଼ା, କୋଷାଧ୍ୟକ୍ଷ ଭାବେ ରଜନିକାନ୍ତ କର ନିର୍ବାଚିତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ଚନ୍ଦନ କୁମାର ନାୟକ, ପ୍ରମୋଦ କୁମାର ନାୟକ, ସୁବାସ ଚନ୍ଦ୍ର ପରିଡ଼ା ଓ ଉମେଶ ଜେନା ମନୋନୀତ ହୋଇଛନ୍ତି।

ଏତଦ୍‌ବ୍ୟତୀତ ୩୦ଜଣ ସଭ୍ୟଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଉତ୍ସବକୁ ରୋଟାରିୟାନ ବିନୋଦ ବିହାରୀ ପରିଡ଼ା ସଞ୍ଚାଳନ କରିବା ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ସଂଘ ମାଧ୍ୟମରେ ୨୧୪ଜଣ ମାଲିକଙ୍କ ୧୨ଶହରୁ ଅଧିକ ଟ୍ରକ୍ ପରିବହନ କାର୍ଯ୍ୟରେ ନିୟୋଜିତ ହୋଇଛି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସଂଘ ପକ୍ଷରୁ ପୀଡ଼ିତମାନଙ୍କୁ ସହାୟତା ଯୋଗାଇ ଦିଆଯାଉଥିବାବେଳେ ଧର୍ମଶାଳା ତହସିଲ, ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଥଣ୍ଡାପାନୀୟ ଜଳ ମେସିନ ସ୍ଥାପନ କରାଯାଇଛି ବୋଲି ସଭାପତି ସାହୁ ସୂଚନା ଦେଇଥିଲେ। ଏହି ଅବସରରେ ନବନିର୍ବାଚିତ ସଭାପତି, ସମ୍ପାଦକ ଓ କେନ୍ଦ୍ରାପଡା ଟ୍ରକ୍ ମାଲିକ ସଂଘ ସଭାପତି, ସମ୍ପାଦକ ଓ ଧର୍ମଶାଳା ପ୍ରେସ କ୍ଲବର ସଭାପତିଙ୍କୁ ମୁଖ୍ୟ ଅତିଥି ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଅମିତ ସାହୁ ଧନ୍ୟବାଦ ଦେଇଥିଲେ।

# ଦାନଗଦି ବ୍ଲକ୍‌ରେ ଆରମ୍ଭ ହେଲା ବନ୍ଦୋବସ୍ତ କାର୍ଯ୍ୟ

**କଳିଙ୍ଗନଗର,୮।୯(ଶୁଭାଶିଷ ରାଉତ)**



ବନ୍ଦୋବସ୍ତ କାର୍ଯ୍ୟର ଶୁଭାରମ୍ଭ କରାଯାଉଛି।

**ଉପକୃତ ହେବେ ୨୨ ମୌଜା ବାସିନ୍ଦା**

ପ୍ରାୟ ୯୫ ବର୍ଷ ପରେ ଯାଜପୁର ଜିଲା ଦାନଗଦୀ ବ୍ଲକରେ ଜମି ବନ୍ଦୋବସ୍ତ ବା (ସେଟେଲମେଣ୍ଟ)ପ୍ରକ୍ରିୟା ଆରମ୍ଭ ହୋଇଛି। ପଙ୍କପାଳ ପଞ୍ଚାୟତ ଜତ୍ରାପାଳ ଗାଁରୁ ଏହି କାର୍ଯ୍ୟ ଶୁଭାରମ୍ଭ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଦାନଗଦି ତହସିଲଦାର ନାରାୟଣ ଚନ୍ଦ୍ର ଦୀକ୍ଷିତ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ୧୯୨୮ରୁ ବନ୍ଦୋବସ୍ତ କାର୍ଯ୍ୟ ସ୍ଥଗିତ ରହିଥିଲା। ଫଳରେ ଏହି ବ୍ଲକ୍‌ର ମୌଜା ଗୁଡ଼ିକରେ ଲୋକେ ଜମି କିଣାବିକା କରି ପାରୁ ନ ଥିଲେ। ଜମିର ମାଲିକାନା ନ ଥିବାରୁ ଘର ଖଣ୍ଡିଏ ପାଇଁ ବହୁ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବନ୍ଦୋବସ୍ତ କାର୍ଯ୍ୟକ୍ରମ ଦ୍ୱାରା ବ୍ଲକର ୨୨ଟି ମୌଜାର ଜମି ମାଲିକ ଉପକୃତ ହୋଇପାରିବେ। ଲୋକଙ୍କୁ ଜମିପଟ୍ଟା ମିଳିବ। ଯୋଗ୍ୟବ୍ୟକ୍ତି ଜମିପଟ୍ଟା ଦେଖାଇ ସରକାରୀ ଯୋଜନାରେ ପକ୍କାଘର ପାଇବେ। ଜମିର ମାଲିକାନା ସତ୍ତ୍ୱ(ଆର୍‌ଓଆର୍) ମିଳିବ ବୋଲି କୁହାଯାଇଛି।

# ଟେରାକୋଟା ଶିଳ୍ପୀଗୁରୁ ସମ୍ମାନିତ



ଶିଳ୍ପୀଗୁରୁଙ୍କୁ ସମ୍ମାନିତ କରାଯାଉଛି।

**ରସୁଲପୁର,୮।୯(ରଞ୍ଜିତ ରାଉତ)**

ଓଡ଼ିଶାର ଟେରାକୋଟା ଶିଳ୍ପୀଗୁରୁ ପ୍ରର୍ଶୁରାମ ବେହେରାଙ୍କୁ 'ପ୍ରଣମ୍ୟ ପ୍ରଣାମ ସମ୍ମାନ-୨୦୨୩'ରେ ସମ୍ମାନିତ କରାଯାଇଛି। ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତର ମା' ବାଲୁତରାଣୀ ଟେରାକୋଟା କାରଖାନାର ପୃଷ୍ଠପୋଷକ ଶିଳ୍ପୀ ବେହେରାଙ୍କୁ ଗୁରୁ ଦିବସରେ ଏହି ସମ୍ମାନ ମିଳିଛି। ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଗୁରୁପୂଜନ ସମିତି ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବେହେରାଙ୍କୁ ଶିଳ୍ପୀଗୁରୁଭାବେ ପୁରସ୍କୃତ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଖବରଦାତା ଭକ୍ତଚରଣ ସାହୁ ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ଅନିଲ କୁମାର ସାମଲ ଯୋଗଦେଇଥିଲେ। ମୁଖ୍ୟ ଅତିଥି ତଥା ଓଡ଼ିଶା ବିଧାନସଭାର ସଚିବ ଦାଶରଥୀ ଶଥପଥୀ ଶିଳ୍ପୀଗୁରୁଙ୍କୁ ମାନପତ୍ର, ଉପଢ଼ୌକନ ଓ ଉପହାର ଦେଇ ସମ୍ମାନିତ କରିଥିଲେ। ଅନୁଷ୍ଠାନ ସମ୍ପାଦକ ମନୋଜ କୁମାର ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗୁରୁପୂଜନ ସମିତିର କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଟେରାକୋଟା ଶିଳ୍ପୀଗୁରୁ ବେହେରା ଜଣେ ଦକ୍ଷ କାରିଗର। ସେ ଦଶନ୍ଧିକାଳ ଜିଲାର ବିଭିନ୍ନ ସ୍ଥାନରେ ଟେରାକୋଟା କାରିଗରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଆସୁଛନ୍ତି। ତାଙ୍କର ପ୍ରଶିକ୍ଷଣ ପ୍ରଣାଳୀ ଓ ମାର୍ଗଦର୍ଶନରେ ଶତାଧିକ କାରିଗର ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।

# ପ୍ରାଥମିକ ଶିକ୍ଷକ ସଂଘର ଗଣଧାରଣା

**ଧର୍ମଶାଳା,୮।୯(ବଟକୃଷ୍ଣ ପରିଡ଼ା)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ନିର୍ଦ୍ଦେଶ ଅନୁସାରେ ଧର୍ମଶାଳା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୫ ଦଫାଦାବି ନେଇ ଶୁକ୍ରବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଛି। ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଗଳ କିଶୋର ଦାସ ଗଣଧାରଣାରେ ଯୋଗଦେଇ ସରକାର ରାଜ୍ୟରେ ଠିକା ଶିକ୍ଷକ ନିଯୁକ୍ତି ଉଚ୍ଛେଦ କରିଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସହିତ ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକଙ୍କ ଠିକା କାର୍ଯ୍ୟକାଳକୁ ମୂଳଚାକିରିରେ ଗଣନା କରି ନିୟମିତ ଶିକ୍ଷକ ମାନ୍ୟତା ପ୍ରଦାନ କରିବାକୁ ଦାବି କରିଥିଲେ। ଯଦି ତୁରନ୍ତ ଦାବି ପୂରଣ ନ ହୁଏ ତେବେ ନିଖିଳ ଉତ୍କଳ ପ୍ରଥମିକ ଶିକ୍ଷକ ଫେଡେରେସନର ନିଷ୍ପତ୍ତିକ୍ରମେ ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ଚେତାବନୀ ଦେଇଥିଲେ। ଏହି ଗଣଧାରଣାରେ ଉପସଭାପତି ଚିତ୍ତରଞ୍ଜନ କର, ଆରତି ଓଝା, ସମ୍ପାଦକ ରବୀନ୍ଦ୍ର ପ୍ରସାଦ ମିଶ୍ର, ସଙ୍ଗଠନ ସମ୍ପାଦକ ରମେଶ ଚନ୍ଦ୍ର ବାରିକ, ମଳୟ ଜେନା, ଦେବରାଜ ସାହୁ, ସଂଯୋଜକ ଆର୍ଯ୍ୟନନ୍ଦନ ବେହେରା ଓ କୋଷାଧ୍ୟକ୍ଷ ଶୋକ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବିଇଓ ନିକୁଞ୍ଜ ବିହାରୀ ମହାନ୍ତିଙ୍କୁ ୫ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।




ବିଇଓ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଛି।

## ସଂକ୍ଷେପରେ

### ଚୋରା ମଦ ଜବତ: ଅଭିଯୁକ୍ତ ଗିରଫ

କୁଜଙ୍ଗ,୮।୯ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠ ବଜାରରୁ ପୋଲିସ ବିପୁଳ ପରିମାଣର ବିଦେଶି ଓ ଦେଶି ମଦ ଜବତ କରିଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଅନିଲ ବେହେରା। ଏନେଇ ଥାନାରେ ମାମଲା (ନଂ.୪୦୭/୨୩) ରୁଜୁ କରାଯାଇଛି। ବାଲିତୁଠ ଅଞ୍ଚଳରେ ଚୋରାମଦ କାରବାର ଚାଲିଥିବା ନେଇ ଖବରପାଇ ଗୁରୁବାର ରାତ୍ରିରେ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ବିଶ୍ୱଜିତ ଗଡ ନାୟକ, ବିବେକ ସାହୁ ଓ ସହକାରୀ ସବ୍‌ଇନିସ୍ପେକ୍ଟର ଶାସମଲ ପ୍ରମୁଖ ଏକ ଭେରାଇଟି ଷ୍ଟୋରରେ ଚଢ଼ାଉକରି ଅନିଲଙ୍କୁ ଗିରଫ କରିଥିଲେ। ଅନିଲଙ୍କ ନାମରେ ପୂର୍ବରୁ ମଧ୍ୟ ୨ଟି ଅବକାରୀ ମାମଲା ଥିବା ପୋଲିସ କହିଛି।

### ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ନୀଳ ଆକାଶ, ସ୍ୱଚ୍ଛ ବାୟୁ ଦିବସ

ପଟ୍ଟାମୁଣ୍ଡାଇ,୮।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ନିରୋଗ ଓ ସୁସ୍ଥ ରହିବା ପାଇଁ ନୀଳ ଆକାଶ ଓ ସ୍ୱଚ୍ଛ ବାୟୁ ଦିବସ ପାଳନ କରାଯାଇ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ଦିଆଯାଇଛି। ଏହି ଉପଲକ୍ଷେ ଶୁକ୍ରବାର ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲରେ ସଚେତନତା ସଭା ଆୟୋଜନ କରାଯାଇଥିଲା। ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରାକାର ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ସଭାରେ ପିଏଚଇଓ ନୃସିଂହ ଚରଣ ଦାସ, ବିପିଏମ ପ୍ରଶାନ୍ତ କୁମାର ଜେନା, ସଞ୍ଜୟ କୁମାର ଦାସ, ଶୁଭରଞ୍ଜନ ଖୁଣ୍ଟିଆ ଓ ପ୍ରିୟଦର୍ଶିନୀ ଦିପ୍ତିମୟୀ ସାହୁ ପ୍ରମୁଖ ଯୋଗଦେଇ ନୀଳ ଆକାଶ ସ୍ୱଚ୍ଛ ବାୟୁ ଦିବସର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଇ ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ସହ ଚାରାରୋପଣ ବଣ୍ଟନ କରାଯାଇଥିଲା।

### ୩ ଦଫା ଦାବି ନେଇ ଶିକ୍ଷକଙ୍କ ଧାରଣା

ରାଜନଗର, ୮।୯ (ଭାସ୍କର ରାଉତରାୟ)

ରାଜନଗର ବ୍ଲକର ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨୮୦୦ ଗ୍ରେଡପେ ପ୍ରଦାନ, ଚାକିରି ପିରିୟଡରେ ୬ ବର୍ଷ ଯୋଗ ସହିତ ୬ଟି ଇନକ୍ରିମେଣ୍ଟ ପ୍ରଦାନ ଓ ପୁରୁଣା ପେନସନ ପ୍ରଦାନ ଦାବିରେ ଶୁକ୍ରବାର ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଶିକ୍ଷକ ଅନିଲ କୁମାର ଦାସ, ନିରାକାର ରାଉତ, ବୈଲୋଚନ ଦାସ, ସଂଜୟ ସେଠୀ, ଦାମୋଦର ରାଉତ, ପ୍ରେମାନନ୍ଦ ସେଠୀ, କଳ୍ପତରୁ ପରିଡା, ବିଜୟ କୁମାର ଦାସ, ପ୍ରଶାନ୍ତ କୁମାର ସେଠୀ, ରବୀନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀ ମଲ୍ଲିକ, ଜ୍ୟୋସ୍ନାରାଣୀ ଦାସ, ଅନଙ୍ଗ କୁମାର ଜେନା, ମୁକୁଳେନ୍ଦୁ ଘଡେଇ ପ୍ରମୁଖଙ୍କ ନେତୃତ୍ୱରେ ଶିକ୍ଷକମାନେ ଧାରଣାରେ ବସିଥିଲେ।

# ଜବରଦଖଲକାରୀଙ୍କ କବ୍‌ଜାରେ ନଦୀ, ନାଳ, ଜଳାଶୟ

- ଜଳସେଚନରେ ବାଧା
- ପଡିଆ ପଡ଼ିଛି ଏକର ଏକର ଚାଷଜମି

ପଟ୍ଟାମୁଣ୍ଡାଇ, ୮।୯ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ଓ ଅଖପାଖ ଅଞ୍ଚଳରେ ନଦୀ, ପ୍ରାକୃତିକ ନାଳ, କେନାଲ, ନୟନଯୋରି ଓ ଜଳାଶୟଗୁଡ଼ିକ ଜବରଦଖଲ ହେବାରେ ଲାଗିଛି। ଜବରଦଖଲକାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଭବିଷ୍ୟତରେ ଏହା ଜନସାଧାରଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ଏପରି କି ସହରରେ ଜଳମଗ୍ନ ହେବା ସହ ଆଖପାଖ ଅଞ୍ଚଳରେ ଚାଷଜମି ପଡ଼ିଆ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଜିଲା ପ୍ରଶାସନ ଓ ପଟ୍ଟାମୁଣ୍ଡାଇ ପୌର ପ୍ରଶାସନ ପ୍ରାକୃତିକ ନାଳ ଓ ଜଳାଶୟଗୁଡ଼ିକୁ ଜବରଦଖଲ ମୁକ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ସାମାଜିକ କର୍ମୀ ଅନନ୍ତ ଦାଶ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ବୃହତ୍ତମ ସହର ପଟ୍ଟାମୁଣ୍ଡାଇରେ କାମଧନ୍ଦା, ଚାକିରି ତଥା ଝିଅ ପୁଅଙ୍କୁ ପାଠ ପଢ଼ାଇବା ପାଇଁ ଗ୍ରାମାଞ୍ଚଳରୁ ଲୋକଙ୍କ ସୁଅ ଛୁଟିଲା। ଲୋକେ ବିଭିନ୍ନ ସ୍ଥାନରେ ଘର ଦ୍ୱାର ନିର୍ମାଣ କରି ରହିଲେ। ସହରର ଜନସଂଖ୍ୟା ବୃଦ୍ଧି ଓ ଲୋକଙ୍କ ଚାହିଦା ଅନୁସାରେ ଜମିର ମୂଲ୍ୟ ବଢ଼ି ଚାଲିଲା। ସରକାରଙ୍କ ଧାର୍ଯ୍ୟ ଦରଠାରୁ ଢେର ଚଢ଼ା ଦରରେ ଘରଡିହ ବିକ୍ରି ହେଲା। ଏଭଳି ସ୍ଥିତିରେ ଯେ ଯେଉଁଠି ପାଇଲେ ସରକାରୀ ଓ ଜଳାଶୟ ଜାଗା ମାଡ଼ି ବସି ଘର ନିର୍ମାଣ କରୁଛନ୍ତି। ତାହା ପ୍ରାକୃତିକ ନାଳ ହେଉ କି ଜଳ ଉତ୍ସ କିମ୍ବା ନୟନଯୋରି କି ନଦୀ ପଠା। ଯେଉଁଠି ସୁବିଧା ହେଲା ଲୋକେ ଘର ନିର୍ମାଣ କରି ରହିଲେ। କେତେଜଣ ଧନୀ ଶ୍ରେଣୀର ଲୋକ ଓ ଚାକିରିଆ ମଧ୍ୟ ଏହାର ଫାଇଦା ଉଠାଇଲେ। ନଦୀନାଳଗୁଡ଼ିକୁ ପୋତି ଲୋକେ ଘର କଲେ। ସେହିପରି ପୁନରୁଦ୍ଧାର ହେଉ ନ ଥିବା ଜଳଉତ୍ସଗୁଡ଼ିକରେ ମାଟି ପକାଇ ଘର ନିର୍ମାଣ କରିବାରେ ଲାଗିଲେ। ଏହାର କୁପରିଣାମ ଚଳିତବର୍ଷ ବର୍ଷାଋତୁରେ ଚାଷଜମି ପଡ଼ିଆ ରହିବାରୁ ଆଖପାଖ ଗ୍ରାମର ଚାଷୀଙ୍କୁ ଭୋଗିବାକୁ ପଡୁଛି। ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ହ୍ରାସ ପାଇଥିବା ସରକାରୀ ଜାଗା ସଂଖ୍ୟା ଏବେ ସମସ୍ତଙ୍କ ପାଇଁ ଉଦ୍‌ବେଗର ବିଷୟ ହୋଇଛି। ଅତୀତରେ ପଟ୍ଟାମୁଣ୍ଡାଇ ବଜାର ବିଦ୍ୟୁତ୍ ଅଫିସ ପାଖରୁ ଜଳସମ୍ପଦ ବିଭାଗ ପାଟ କେନାଲ ମାଟିଆ ମାଇନର ଦେଇ ଗୋବରୀ ନଦୀକୁ ସଂଯୋଗ ଥିଲା। ସହରର ଉଦ୍‌ବୃତ ବର୍ଷାଜଳ ସେହି ମାଇନର କେନାଲ ଓ ନାଳ ଦେଇ ଗୋବରୀ ନଦୀକୁ ନିଷ୍କାସିତ ହେଉଥିଲା। ଏବେ ଏହି କେନାଲ ପୋତି ହୋଇ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲାଣି। ଧୀରେ ଧୀରେ ସହରର ଜଳଉତ୍ସଗୁଡ଼ିକ ନିଶ୍ଚିହ୍ନ ହେବାକୁ ବସିଛି। ପୂର୍ବରୁ କେବେ ବର୍ଷା ଦିନରେ ସହରରେ କୃତ୍ରିମ ବନ୍ୟା କିମ୍ବା ଜଳମଗ୍ନ ଭଳି ପରିସ୍ଥିତି ସୃଷ୍ଟି ହେଉ ନ ଥିଲା। ଭଲ ଅସରାଏ ବର୍ଷା ହେଲେ ଏବେ ରାସ୍ତାରେ ଜଳସ୍ରୋତ ପ୍ରବାହିତ ହେଉଛି। ନାଳକୁ ପୋତି ରାସ୍ତା ନିର୍ମାଣ ହୋଇଛି। ଜବରଦଖଲକାରୀଙ୍କ ବେପରୁଆ ମନୋଭାବ ଯୋଗୁ ଭବିଷ୍ୟତରେ ସହରବାସୀ ଅସୁବିଧା ଭୋଗିବେ। ତେଣୁ ପ୍ରାକୃତିକ ନାଳ ଓ ଜଳାଶୟଗୁଡ଼ିକକୁ ପ୍ରଶାସନ ପକ୍ଷରୁ ଜବରଦଖଲ ମୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି। ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ୨୦୧୮ରୁ ୨୦୨୩ ମଧ୍ୟରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଓ ଏହାର ଆଖପାଖରେ ଥିବା ଅମଳକ୍ଷମ ଉର୍ବର ଚାଷଜମି କିସମ ପରିବର୍ତ୍ତନ ହୋଇ ଘରବାଡ଼ି ହୋଇଛି। ପୋଖରିଆପଡ଼ା କେନାଲ ପାଖ ଜମି, ତାତନା ରାସ୍ତାର ଦୁଇପାର୍ଶ୍ୱର ଜମି, ପହରାଜପୁର ରାସ୍ତାର ଉଭୟ ପାର୍ଶ୍ୱ ଜମିରେ କୋଠା ହୋଇ ଚାଲିଛି। ସେହିଭଳି ପଟ୍ଟାମୁଣ୍ଡାଇ ପୋଖରିଆପଡା ବକ୍ତାରପୁର ଦେଇ କଖାରୁଣୀ ପୋଲ ପର୍ଯ୍ୟନ୍ତ ୨ ପାର୍ଶ୍ୱ ଜମିରେ କୋଠା ଗଢ଼ି ଉଠି ନୟନଯୋରି ଜବରଦଖଲ ହୋଇଛି। ଫଳରେ ତଳପଟ ଚାଷଜମିକୁ ଜଳସେଚନ ହୋଇ ନ ପାରି ପଡ଼ିଆ ପଡ଼ିଛି। ପଟ୍ଟାମୁଣ୍ଡାଇ ବଜାର ସଂଲଗ୍ନ ବେଲତଳ, ଦକ୍ଷିଣଦିଆ, ପୋଖରିଆପଡ଼ା, ଗୋବରୀ ନଦୀର ଦୁଇପାର୍ଶ୍ୱ ଜମିକୁ ଜବରଦଖଲକାରୀ ଘରଦ୍ୱାର କରି ଚାଲିଛନ୍ତି। ଫଳରେ ଉଭୟପାର୍ଶ୍ୱ ଜମିକୁ ଜଳସେଚନ ହୋଇ ପାରୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଚାଷ ପ୍ରତି ବିମୁଖ ଭାବ ସୃଷ୍ଟି ହେବାରୁ ଜମି ପଡ଼ିଆ ରହୁଛି। ଏପରି ସ୍ଥିତିରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଚାଷଜମି କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଏ ଦିଗରେ ରାଜ୍ୟ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ସମୀର ବେହେରାଙ୍କୁ ପଚାରିବାରେ ଚାଷଜମିରୁ ଘରବାଡ଼ି କରିବା ଦରଖାସ୍ତ ଉପରେ ଜିଜ୍ଞାସା କଲା ପରେ ଆପ୍ରୁଭାଲ ଦିଆଯିବ। ମାତ୍ର ନୟନଯୋରି ଜବରଦଖଲ କରାଇ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।


ଚାଷ ଜମିକୁ ପାଣି ଯାଇ ନ ପାରି ପଡ଼ିଆ ପଡ଼ିଛି।

# ଟଙ୍କା ଉଠାଇବାକୁ ବ୍ୟାଙ୍କରେ ଭିଡ଼

ଆଳି,୮।୯ (ବନମାଳୀ ସେନାପତି)

ବାଟିପଡ଼ା ଗ୍ରାମ୍ୟ ବ୍ୟାଙ୍କ ଖାତାଧାରୀଙ୍କ ଆକାଉଣ୍ଟରେ ପୁଳା ପୁଳା ଟଙ୍କା


Transaction · Change category
Your OGB SB A/c 4083XXXX3456 has been credited with Rs. 8696.24 by APBS from POST MATRIC SCHO OBC on 06-09-2023. Thank you for banking with us.
4:57 PM

ବ୍ୟାଙ୍କ ଆକାଉଣ୍ଟରେ ପୁଳାପୁଳା ଟଙ୍କା ଆସିବା ପରେ ବାଟିପଡ଼ା ଗ୍ରାମ୍ୟ ବ୍ୟାଙ୍କ ଖାତାଧାରୀଙ୍କ ଆଖିରୁ ନିଦ ହଜି ଯାଇଛି। ହିତାଧିକାରୀମାନେ ସକାଳ ହେଲେ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଇବା ନିମନ୍ତେ ଲମ୍ବା ଲାଇନ ଲଗାଉଥିବା ଦେଖିବାକୁ ମିଳୁଛି। ଏମିତି ଏକ ଘଟଣା ୨ ଦିନ ହେବ ଆଳି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଆଳି ବ୍ଲକ ବାଟିପଡାଠାରେ ଥିବା ଗ୍ରାମ୍ୟ ବ୍ୟାଙ୍କ ଶାଖା ଅଧୀନରେ ପ୍ରାୟ ୧୨ ହଜାର ଖାତାଧାରୀ ଅଛନ୍ତି। ଗତ ୬ ତାରିଖଠାରୁ ଜଣେ ପରେ ଜଣେ ଖାତାଧାରୀଙ୍କ ଆକାଉଣ୍ଟରେ ପୁଳା ପୁଳା ଟଙ୍କା ଜମା ହେଉଥିବା ଜଣାପଡ଼ିଥିଲା। ଜଣେ ପରେ ଜଣେ ଏମିତି ଖାତା ଚେକିଂ କରିବା ପରେ ଟଙ୍କା ଉଠାଇବା ନିମନ୍ତେ ବ୍ୟସ୍ତ ହୋଇ ପଡିଛନ୍ତି। କାହା ଆକାଉଣ୍ଟରେ ୪୦ ହଜାର ତ କାହା ଆକାଉଣ୍ଟରେ ୮୦ ହଜାର ଏମିତି ଜଣଙ୍କ ଆକାଉଣ୍ଟରେ ୨ ଲକ୍ଷ ଟଙ୍କା ମଧ୍ୟ ଆସିଛି। କିନ୍ତୁ ହଠାତ ଏତେ ସଂଖ୍ୟକ ଖାତାଧାରୀଙ୍କ ନିକଟରେ ଏତେ ପରିମାଣର ଟଙ୍କା କେଉଁଠୁ ଆସିଲା କିଏ ପଠାଇଲା ଓ କାହିଁକି ପଠାଇଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏ ନେଇ ଶାଖା ପରିଚାଳକ ପ୍ରତାପ ପ୍ରଧାନଙ୍କୁ ପଚାରିବାରୁ ବ୍ୟାଙ୍କରେ ୧୨ ହଜାର ଆକାଉଣ୍ଟ ଥିବା ବେଳେ ଶତାଧିକ ଆକାଉଣ୍ଟରେ ୨ ହଜାର ଠାରୁ ୨ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଆସିଛି। ସେମାନେ ମଧ୍ୟ କେଉଁଠୁ ଟଙ୍କା ଆସିଛି ତାହାକୁ ନେଇ ସନ୍ଦେହ ଘେରରେ ରହିଛନ୍ତି। ବ୍ୟାଙ୍କରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ନ ଥିବାରୁ ଲୋକମାନଙ୍କୁ ସେମାନଙ୍କ ପୂର୍ଣ୍ଣ ଅର୍ଥ ଦିଆଯାଇ ପାରୁନି। ସୋମବାରଠାରୁ ଲୋକମାନେ କିଭଳି ସେମାନଙ୍କ ଅର୍ଥ ପାଇବେ ସେ ବ୍ୟବସ୍ଥା କରାଯିବ। ଅପରପକ୍ଷରେ ଏହି ଟଙ୍କା ପ୍ରଧାନମନ୍ତ୍ରୀ ଫସଲ ବୀମା କିମ୍ବା ପୋଷ୍ଟ ମ୍ୟାଟ୍ରିକ ଷ୍ଟାଇପେଣ୍ଡ ଟଙ୍କା କିମ୍ବା ଅନ୍ୟ କେଉଁଠୁ ଆସିଲା ତାହା ଏବେ ସନ୍ଦେହ ଘେରରେ ରହିଛି।

### ଭାଜପା ପକ୍ଷରୁ ଗରଦପୁର ବ୍ଲକ ବିଜେଡି ସଭାପତି, ସଞ୍ଜୟ ଅଗ୍ରୱାଲଙ୍କ କୁଶପୁତ୍ତଳିକା ଦାହ

ପାଟକୁରା ୮।୯(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଛକରେ ଭାଜପା ନେତା ତେଜେଶ୍ୱର ପରିଡାଙ୍କ ନେତୃତ୍ୱରେ ଶୁକ୍ରବାର ଭାଜପା କର୍ମୀମାନେ ବ୍ଲକ ବିଜେଡି ସଭାପତି ଶଶାଙ୍କ ଶେଖର ପରିଡା ଓ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଜଣେ ମହିଳାଙ୍କୁ ବ୍ଲକ ସଭାପତି ଅଶ୍ଳୀଳ ଇଙ୍ଗିତ ଦେବା ଓ ଗାଳିଗୁଲଜ କରିବା ପ୍ରତିବାଦରେ ମହିଳା ଜଣକ ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଭାଜପାପକ୍ଷରୁ ଏଭଳି ପ୍ରତିକ୍ରିୟା ପ୍ରକାଶ ପାଇଛି।

# ସଦାଚାର ମାନବ ସମାଜ ପାଇଁ ସମୃଦ୍ଧିର ମୂଳମନ୍ତ୍ର



### ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଉତ୍ସବ

କେନ୍ଦ୍ରାପଡା, ୮।୯ (ଜଗନ୍ନାଥ ଧଳ)

ଧର୍ମ, ସତ୍ୟ, ସତକର୍ମ, ଶକ୍ତି ଓ ସମୃଦ୍ଧି ଆଦି ସଦାଚାରରୁ ହିଁ ଉତ୍ପନ୍ନ ହୋଇଥାଏ। ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ୧୩୬ତମ ଜୟନ୍ତୀ ଉତ୍ସବରେ ଶ୍ରୀମା ଦିବ୍ୟସ୍ୱରୂପ ଚୈତନ୍ୟ ଶୁକ୍ରବାର ଏହା ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ସହର ନିକଟ ଗରାପୁରସ୍ଥିତ ଦିବ୍ୟ ଜୀବନ ସଂଘ ଆଶ୍ରମ ପକ୍ଷରୁ ପୂର୍ବାହ୍ନରେ ଏହି ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ଦିବ୍ୟସ୍ୱରୂପ ଚୈତନ୍ୟ ଯୋଗଦେଇ କହିଥିଲେ, ସଦାଚାର ହେଉଛି ମାନବ ସମାଜ ପାଇଁ ସମୃଦ୍ଧିର ମୂଳମନ୍ତ୍ର। ଏହା ମନୁଷ୍ୟର ସମ୍ମାନ ବୃଦ୍ଧି କରିବା ସହ ଆୟୁ ବୃଦ୍ଧି କରେ। ଏହିପରି ଅନେକ ତତ୍ତ୍ୱକୁ ବୁଝିବା ପାଇଁ ଗୁରୁ ଶିବାନନ୍ଦ ସରସ୍ୱତୀ ନିଜର କର୍ମମୟ ଜୀବନ ଛାଡି ମାଲେସିଆରୁ ଭାରତକୁ ଫେରି ଆସିଥିଲେ। ଗୁରୁଜୀଙ୍କ ଜନ୍ମ ତାମିଲନାଡୁର ପଟ୍ଟାମଡାଇ ଗ୍ରାମରେ ୧୮୮୭ରେ ହୋଇଥିଲା। ତୁଳସୀ ଦୁଇ ପତ୍ରରୁ ବାସିବା ପରି ଅତି ସାନ ବୟସରୁ ସଂସାରର ବିବିଧତା ଓ ବର୍ଣ୍ଣିଳ ଦୁନିଆ ସମ୍ପର୍କରେ ଅହରହ ଚିନ୍ତା କରୁଥିଲେ। ପିଲାବେଳେ କୁପୁସ୍ୱାମୀ ନାମ ପାଇଥିବା ଗୁରୁଜୀ ଡାକ୍ତରୀ ବିଦ୍ୟା ହାସଲ କରି ମାଲେସିଆରେ କର୍ମରତ ଥିଲେ। ତେବେ ଏଥିରେ ସେ ସନ୍ତୁଷ୍ଟ ନ ହୋଇ ହିମାଳୟରେ ତପସ୍ୟା କରିବା ପାଇଁ ଚାଲି ଆସିଥିଲେ। ଗୁରୁଜୀଙ୍କ ଜୟନ୍ତୀ ଉତ୍ସବ ଉପଲକ୍ଷେ ଆଶ୍ରମ ପରିସରରେ ଦିନସାରା ଭଜନ କୀର୍ତ୍ତନ ହୋଇଥିଲା। ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଗୁରୁଜୀଙ୍କ ପାଦପୂଜା ହୋଇଥିଲା। ପରେ ତାଙ୍କ ସମ୍ପର୍କରେ ଶରତ ଚନ୍ଦ୍ର ବରାଳ, ଦେବେନ୍ଦ୍ର ସାମନ୍ତ, ସୁନାକର ରାଉତ, ଶରତ ଚନ୍ଦ୍ର ପାତ୍ର, ରୀତାଞ୍ଜଳି ନାଥ, ଶ୍ରୀଧର ରାଉତ ପ୍ରମୁଖ ଆଲୋକପାତ କରିଥିଲେ। ଏହି ଅବସରରେ ଆଶ୍ରମ ପରିସରରେ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଉତ୍ସବକୁ ବ୍ରହ୍ମଚାରୀ ନୃସିଂହ ଦାସ ଓ ଶ୍ରଦ୍ଧାଳୁମାନେ ପରିଚାଳନା କରିଥିଲେ।

# ପୁନର୍ବାସରେ ବିଶ୍ୱ ଫିଜିଓଥେରାପି ଦିବସ

କେନ୍ଦ୍ରାପଡା, ୮।୯ (ଜଗନ୍ନାଥ ଧଳ)




କେନ୍ଦ୍ରାପଡା ସହର ମାଧପୁରସ୍ଥିତ ପୁର୍ନବାସ ଅନୁଷ୍ଠାନ ପରିସରରେ ବିଶ୍ୱ ଫିଜିଓଥେରାପି ଦିବସ ଶୁକ୍ରବାର ପାଳନ କରାଯାଇଛି। ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ଅଧ୍ୟକ୍ଷତା ଆଲୋଚନାଚକ୍ରରେ ଫିଜିଓଥେରାପି ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଛି। ଏଥିରେ ଡା. କୁଳମଣି ବରାଳ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବଂଶୀଧର ମହାନ୍ତି, ଜ୍ୟୋତିରଞ୍ଜନ ନାୟକ, ସମ୍ପିତ ଶ୍ରୀଚନ୍ଦନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଲୋଚକମାନେ କହିଥିଲେ, ଫିଜିଓଥେରାପି ବା ଭୌତିକ ଚିକିତ୍ସା ମଣିଷର ଜୀବନଯାତ୍ରାକୁ ସରଳ କରିଥାଏ। ବହୁ ସମୟରେ ସାଧାରଣ ମଣିଷଟିଏ ମସ୍ତିଷ୍କ, ସ୍ନାୟୁ, ସଫ୍ଟ ଟିସୁ, ଜଏଣ୍ଟ, ହାଡ ଆଦିଠାରୁ ଶ୍ୱାସ କ୍ରିୟା ସମସ୍ୟାରେ ପଡ଼ିଥାଏ। ଏହାର ନିରାକରଣ ପାଇଁ ଉପଯୁକ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଫିଜିଓଥେରାପି ଦ୍ୱାରା ସମସ୍ୟାର ସମାଧାନ ହୋଇଯାଏ। ତେବେ ଏହି ସଚେତନତା ଅଦ୍ୟାବଧି ତୃଣମୂଳସ୍ତରରେ ପହଞ୍ଚି ନ ଥିବାରୁ ଏହି ସମସ୍ୟାରେ ଥିବା ବ୍ୟକ୍ତି ଜୀବନ ଯନ୍ତ୍ରଣାରେ ପୀଡିତ ହୋଇଥାନ୍ତି। ସାମ୍ପ୍ରତିକ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାର ଚିକିତ୍ସା ପଦ୍ଧତିରେ ଫିଜିଓଥେରାପିକୁ ଗୁରୁତ୍ୱ ଦେବା ସହିତ ଏ ସମ୍ପର୍କିତ ସମସ୍ୟା ନିର୍ଣ୍ଣୟ ପାଇଁ ଚିକିତ୍ସା ଶାସ୍ତ୍ରରେ ଉନ୍ନତି ଆସିଛି। ଏଥିସହ ଭିନ୍ନକ୍ଷମଙ୍କ ପାଇଁ ପୁର୍ନବାସ ଅନୁଷ୍ଠାନ ପରି କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗ ଦେଇଥିବା ଆଲୋଚକମାନେ ମତ ରଖିଥିଲେ। ଏହି ଆଲୋଚନାରେ ଶେଷଦେବ ଦାସ, ସ୍ୱପ୍ନାଂଶୁ କୁମାର ଦାସ, ମହମ୍ମଦ ଜାହିଦ, କ୍ଷୀରୋଦ କର ପ୍ରମୁଖ ଭାଗ ନେଇଥିଲେ। ସଞ୍ଜୀବ କୁମାର ଜେନା, ଫିଜିଓଥେରାପିଷ୍ଟ ଚନ୍ଦନ କୁମାର ଜେନା, ରଚିତା ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ୧୦ରେ ଯୁବ ଛାତ୍ର ବିଜେଡିର ଜିଲାସ୍ତରୀୟ କର୍ମଶାଳା


ବୈଠକରେ ଯୋଗଦେଇଥିବା ବିଜେଡି ନେତୃମଣ୍ଡଳୀ।

କୁଜଙ୍ଗ,୮।୯ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁରରେ ଯୁବ,ଛାତ୍ର ବିଜେଡିର ଜିଲାସ୍ତରୀୟ କର୍ମଶାଳା ସେପ୍ଟେମ୍ବର ୧୫ରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ କୁଜଙ୍ଗ ବ୍ଲକ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ସ୍ଥାନୀୟ ସୂଚନା କେନ୍ଦ୍ରଠାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି (ପିଣ୍ଟୁ) ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲା ଯୁବ ବିଜେଡି ସଭାପତି ସୌମ୍ୟଜିତ ମହାପାତ୍ର, ଛାତ୍ର ବିଜେଡି ସଭାପତି ସମିତ ଲେଙ୍କା, ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଂଯୋଜକ ମାନଭଜନ ମଲ୍ଲ, କୁଜଙ୍ଗ ପଂଚାୟତ ସମିତି ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଂଯୋଜକ ବାପୁଜି ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିଲେ। ଏହି ଅବସରରେ ସେମାନେ ଉପସ୍ଥିତ ଯୁବ,ଛାତ୍ର ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ଆଗାମି ନିର୍ବାଚନ ନିମନ୍ତେ ଗୁରୁମନ୍ତ୍ର ଦେଇଥିଲେ। ଏଥିରେ ୧୫ତାରିଖରେ ହେବାକୁ ଥିବା କର୍ମଶାଳାରେ ଯେପରି ଅଧିକରୁ ଅଧିକ ଯୁବ ଛାତ୍ର ସାମିଲହେବେ ସେନେଇ ଗୁରୁତ୍ୱାରୋପ କରିଥିଲେ।

# କମ୍ ବର୍ଷା: ଚାଷୀଙ୍କୁ ମରୁଡ଼ି ଚିନ୍ତା ଘାରିଛି

ମହାକାଳପଡ଼ା,୮।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ମହାକାଳପଡା ବ୍ଲକରେ ଚାଷୀମାନେ ବିନା ସାରରେ ଧାନ ତଳି ରୋଉଛନ୍ତି।

### ସାର ଚଢ଼ା ଦରରେ ବିକ୍ରି, ଚାଷୀ ହତାଶ

- ଚେଇଁ ଶୋଇଛି କୃଷି ବିଭାଗ
- ୧ ହୋଲ୍‌ସେଲର , ୪୯ ରିଟେଲର, ୨୨ ପ୍ୟାକ୍ସକୁ ସାର ବିକ୍ରି ଲାଇସେନ୍ସ

କେନ୍ଦ୍ରାପଡ଼ା ଜିଲାରେ ମୌସୁମୀ ବର୍ଷା ଅଭାବ ଯୋଗୁ ଉଚ୍ଚ ସ୍ଥାନରେ ଥିବା ଜମିକୁ ଜଳସେଚିତ ହୋଇପାରୁନାହିଁ। ଫଳରେ ଚଳିତ ଖରିଫ ଋତୁରେ ଧାନ ଚାଷ କାର୍ଯ୍ୟ ବିଳମ୍ବ ଯୋଗୁ ଚାଷୀମାନଙ୍କ ଚିନ୍ତା ବଢ଼ିଛି। ଅପରପକ୍ଷରେ ବ୍ଲକର ଅଣଜଳସେଚିତ ଅଞ୍ଚଳରେ ମୌସୁମୀ ବର୍ଷା ଅଭାବରୁ ଅନେକ ଜାଗାରେ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଯେଉଁ ସବୁ ଅଞ୍ଚଳରେ ଜଳସେଚିତ, ସାମୁଦ୍ରିକ ଜୁଆର ପ୍ଲାବିତ, ଖାଲ, ପାଟ ଜମିରେ ପାଣି ରହିଛି ସେଠାରେ ବେଉଷଣ କାମ ଶେଷ ହୋଇଛି। ସାର ଅଭାବ ଯୋଗୁ ଚାଷୀମାନେ ଚଢ଼ା ଦରରେ କ୍ରୟ କରି ଚାଷ ଜମିରେ ପ୍ରୟୋଗ କରୁଛନ୍ତି। ଅଞ୍ଚଳରେ କେତେଜଣ ଅସାଧୁ ବ୍ୟବସାୟୀ ଖୁଲମଖୁଲା ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ବସ୍ତା ପିଛା ୨ ଶହରୁ ୩ ଶହ ଅଧିକ ଟଙ୍କା ଦାମରେ ସାର ବିକ୍ରି ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବାଧ ହୋଇ ଚଢ଼ା ଦରରେ ସାର, କୀଟନାଶକ ଔଷଧ କିଣୁଥିବା ହରି ଗୋଚ୍ଛାୟତ, ଅମର ରାଉତ, ବାଙ୍କ ବିହାରୀ ସ୍ୱାଇଁ, ଶିଶିର ରାଉତ, ସଦାଶିବ ରାଉତ, ବାବାଜୀ ବେହେରା, ଅନାମ ଚରଣ ସ୍ୱାଇଁ, ଅଜିତ କୁମାର ମଣ୍ଡଳ, ପ୍ରଭଞ୍ଜନ ମଣ୍ଡଳ, ଗିରିଶ ମଣ୍ଡଳ ପ୍ରମୁଖ ଚାଷୀମାନେ ଅଭିଯୋଗ କରିଛନ୍ତି।

ବ୍ଲକର ବଡିଘର, ଜମ୍ବୁ, ବାବର ବଜାର, ତନ୍ତିଆପାଳ ବଜାର, ଜଗରି ଜୋର ସାପ୍ତାହିକ ହାଟ, ଓସ୍ତର ହାଟ, ଓଟତ ଘାଟ ବଜାର, ବିଜୟନଗର, ତିଖିରୀ, ଯଦୁପୁର, ମହାକାଳପଡା, ଛପାଲି, ଗୋଜାବନ୍ଧ, କରଞ୍ଜି, ବଡ଼କୂଳ ଆଦି ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରେ ସାର ଅଭାବ ପରିଲକ୍ଷିତ ହେଉଛି। ଫଳରେ ଚଢ଼ା ଦରରେ ଚାଷୀମାନେ ବାଧ ହୋଇ କ୍ରୟ କରୁଛନ୍ତି। ଚାଷୀମାନଙ୍କ ସାର ଅଭାବର ଫାଇଦା ଉଠାଉଛନ୍ତି କେତେକ ଆସାଧୁ ସାର ବ୍ୟବସାୟୀ। ଏ ସମ୍ପର୍କରେ କେତେଜଣ ସାର ବ୍ୟବସାୟୀଙ୍କୁ ପଚାରିବାରୁ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଲାଇସେନ୍ସ ନାହିଁ, ସେମାନେ ସାର ଦରକୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଅପରପକ୍ଷରେ ସାର ଅଭାବ ଯୋଗୁ କେତେଜଣ ଅସାଧୁ ବ୍ୟକ୍ତି ଚଣ୍ଡିଖୋଲ ଓ ଜଗତପୁରଠାରେ ବସ୍ତା ବଦଳାଇ ଅନ୍ୟ ନିମ୍ନମାନର ସାର ମିଶାଇ ପ୍ୟାକେଟ କରାଯାଉଛି ବୋଲି ବ୍ୟବସାୟୀମାନେ କହିଛନ୍ତି। ବ୍ଲକରେ ମୋଟ ୨୮ ହଜାର ହେକ୍ଟରରୁ ଅଧିକ ଚାଷ ଜମି ଥିବାବେଳେ ୭ ହଜାରରୁ ଅଧିକ କେନାଲ ଜଳସେଚିତ ଜମି ରହିଛି ବୋଲି ବ୍ଲକ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ କୃଷି ବିଭାଗ କର୍ମଚାରୀମାନେ ଗାଁକୁ ଗାଁ ପରିକ୍ରମା କରି କୃଷି ସଚେତନତା କରୁନାହାନ୍ତି ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି। ଏ ସଂକ୍ରାନ୍ତରେ ମାର୍ଶାଘାଇ ବ୍ଲକ କୃଷି ଅଧିକାରୀ ଓ ମହାକାଳପଡ଼ା ବ୍ଲକ ଭାରପ୍ରାପ୍ତ କୃଷି ଅଧିକାରୀ ପ୍ରଦୀପ କୁମାର ଘୋଷଙ୍କୁ ପଚାରିବାରେ କୃଷି ବିଭାଗ କର୍ମଚାରୀମାନେ ଗୁରୁବାର କେତେକ ଅଞ୍ଚଳକୁ ଯାଇ ତଦାରଖ କରିଛନ୍ତି। ସାର କଳାବଜାର ହେଉଥିବା ନେଇ ଅଭିଯୋଗ ମିଳିଲେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରାଯିବ। ପ୍ରମାଣ ମିଳିଲେ ଉକ୍ତ ସାର ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଭାଗ ପକ୍ଷରୁ ବ୍ଲକରେ ଜଣେ ସାର ହୋଲସେଲରଙ୍କୁ ଲାଇସେନ୍ସ ଦିଆଯାଇଛି। ୪୯ ଜଣ ରିଟେଲର ବା ଖୁଚୁରା ବ୍ୟବସାୟୀଙ୍କୁ ସାର ବିକ୍ରୟ ପାଇଁ ଲାଇସେନ୍ସ ଦିଆଯାଇଥିବା ବେଳେ ୨୨ଟି ପ୍ୟାକ୍ସ ଜରିଆରେ ଚାଷୀଙ୍କୁ ସାର ବିକ୍ରୟ ଲାଗି ଅନୁମତି ଦିଆଯାଇଛି ବୋଲି ସେ କହିଛନ୍ତି।

